ବର୍ଷ-୨୬, ସଂଖ୍ୟା-୨୧୧
ଭୁବନେଶ୍ୱର
ଅଗଷ୍ଟ ୦୬, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 211
Bhubaneswar
August, 06 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆର୍ମି ଏୟାର ଡିଫେନ୍ସ କଲେଜ ଠାରେ ସେନାର ଅଧିକାରୀ ମାନଙ୍କ ସହ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ହୀରାକୁଦ ଡ୍ୟାମର ଆଉ ୫ ଗେଟ୍ ବନ୍ଦ

ଭୁବନେଶ୍ୱର,୫।୮(ମହାଭାରତ): ବନ୍ଦ ହେଲା ହୀରାକୁଦ ଡ୍ୟାମର ଆଉ ୫ଟି ଗେଟ୍। ୧୩ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଥିଲା । ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ଅତିରିକ୍ତ ଜଳ ନିଷ୍କାସନ ପାଇଁ ଜଳଭଣ୍ଡାରର ୮ଟି ଗେଟ୍ ଖୋଲା ରହିଛି । ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୮.୭୧ ଫୁଟ୍ ରହିଛି। ଡ୍ୟାମ କର୍ତ୍ତୃପକ୍ଷ ବନ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଉପରମୁଣ୍ଡରୁ ଆସୁଥିବା ଜଳ ଏବଂ ତଳମୁଣ୍ଡର ପରିସ୍ଥିତିକୁ ଭିତ୍ତି କରି ଏହି ଜଳ ନିଷ୍କାସନକୁ ନିୟନ୍ତ୍ରଣ କରାଯାଉଛି। ଅନ୍ୟପଟେ ଆଜିଠୁ ରାଜ୍ୟରେ ପୁଣି ବର୍ଷାର ପରିମାଣ ବଢ଼ିବ । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବା ବେଳେ ଆଜି ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ଆଜି ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ଏବଂ ବାକି ସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆସନ୍ତାକାଲି ମଧ୍ୟ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି ।

# କେନ୍ଦ୍ର ସରକାର ଡାକିପାରନ୍ତି ସ୍ୱତନ୍ତ୍ର ଅଧିବେଶନ

ନୂଆଦିଲ୍ଲୀ,୫।୮(ମହାଭାରତ): ମୌସୁମୀ ଅଧିବେଶନରେ ବାରମ୍ବାର ହଟ୍ଟଗୋଳ ଓ ନାରାବାଜୀ ସତ୍ତ୍ୱେ ନରେନ୍ଦ୍ର ମୋଦି ସରକାର ଗୋଟିଏ ଗୁଳିରେ ଦୁଇଟି ଶିକାର କରିବା ଲକ୍ଷ୍ୟରେ ରହିଛନ୍ତି। ସରକାର ନିଜର ୨ଟି ମହତ୍ତ୍ୱାକାଂକ୍ଷୀ ବିଧେୟକକୁ ଗୋଟିଏ ପ୍ୟାକେଜରେ ଉପସ୍ଥାପନ କରିବା ମୁଡରେ ଅଛନ୍ତି।

ମୌସୁମୀ ଅଧିବେଶନ ଶେଷ ହେବା କ୍ଷଣି ସରକାର ଡାକି ପାରନ୍ତି ସଂସଦର ସ୍ୱତନ୍ତ୍ର ଅଧିବେଶନ। ଅଗଷ୍ଟ ୧୩ରେ ମୌସୁମୀ ଅଧିବେଶନ ଶେଷ ହେବାର ଅଛି। ଆଉ ଏହାର ୩ ଦିନ ପରେ କେନ୍ଦ୍ର ସରକାର ପୁଣି ସ୍ୱତନ୍ତ୍ର ଅଧିବେଶନ ଡାକିବେ। ଏହି ସ୍ୱତନ୍ତ୍ର ଅଧିବେଶନରେ ସରକାର ସୀମା ପୁନଃ ନିର୍ଦ୍ଧାରଣ ବିଲ ବା ଡିଲିମିଟେସନ ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ ପାରିତ କରିବାକୁ ଚାହୁଁଛନ୍ତି।

ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାର ଅଗଷ୍ଟ ୧୭ରେ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି। ମୌସୁମୀ ଅଧିବେଶନ ଶେଷ ହେବା ପରେ ସଂସଦକୁ ତୁରନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରାଯିବ ନାହିଁ। ଏହାକୁ ଆଧାର କରି ସରକାର ଆବଶ୍ୟକ ପଡ଼ିଲେ ଖୁବକମ୍ ସମୟର ଅବଧିରେ ସ୍ୱତନ୍ତ୍ର ଅଧିବେଶନ ଡାକିପାରିବ। ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବା ପାଇଁ ସଂସଦର ଦୁଇ ତୃତୀୟାଂଶ ସମର୍ଥନ ଆବଶ୍ୟକ। ସରକାର ବର୍ତ୍ତମାନ ଉଭୟ ଲୋକସଭା ଓ ରାଜ୍ୟସଭାରେ ସେହି ସଂଖ୍ୟା ଯୋଗାଡ଼ କରିବାରେ ଲାଗି ପଡିଛନ୍ତି। ସମ୍ବିଧାନ ସଂଶୋଧନ ବିଲ ପାସ୍ ପାଇଁ ଆବଶ୍ୟକ ସମର୍ଥନ ମିଳିବା ମାତ୍ରେ ସ୍ୱତନ୍ତ୍ର ଅଧିବେଶନ ଡକାଯିବ। ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ର ଅଂଶବିଶେଷ ଭାବେ ସରକାର ଏପ୍ରିଲ ମାସରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଓ ମହିଳା ସଂରକ୍ଷଣ ବିଲ୍କୁ ଏକାସାଙ୍ଗରେ ଉପସ୍ଥାପନ କରିଥିଲେ। କିନ୍ତୁ ଏପ୍ରିଲ୍ରେ ହୋଇଥିବା ୩ ଦିନିଆ ସ୍ୱତନ୍ତ୍ର ସଂସଦ ଅଧିବେଶନରେ ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରି ପାରି ନଥିଲା। ତେଣୁ ସରକାର ବିତର୍କ ପରେ ବିଲ ପାରିତ କରିବାରେ ବିଫଳ ହୋଇଥିଲେ। ସେହି ସମୟରେ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ପାଖରେ ଲୋକସଭା ଓ ରାଜ୍ୟସଭାରେ ପର୍ଯ୍ୟାପ୍ତ ସଂଖ୍ୟା ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରାଜନୀତିକ ପରିବର୍ତ୍ତନ ଏନଡିଏ ପାଇଁ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାର ସମ୍ଭାବନା ସୃଷ୍ଟି କରିଛି। ବିଶେଷ କରି ମେ ମାସରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ ଲୋକସଭା ଓ ରାଜ୍ୟସଭାରେ ଏନଡିଏର ସ୍ଥିତି ଆହୁରି ମଜବୁତ ହୋଇଯାଇଛି। ବର୍ତ୍ତମାନ ଲୋକସଭାରେ କୌଣସି ସମ୍ବିଧାନ ସଂଶୋଧନ ବିଲ ପାରିତ କରିବା ପାଇଁ ୩୬୦ ଓ ରାଜ୍ୟସଭାରେ ୧୬୪ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ।

ବର୍ତ୍ତମାନ ଏନଡିଏ ପାଖରେ ୨୯୩ ଜଣ ସାଂସଦ ରହିଛନ୍ତି। ଏମାନଙ୍କ ସହ ଟିଏମସିର ୨୦ ବିଦ୍ରୋହୀ ସାଂସଦ ହାତ ମିଳାଇଛନ୍ତି। ଫଳରେ ସଂଖ୍ୟା ୩୧୩ରେ ପହଞ୍ଚି ଯାଇଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଠାରୁ ଡିଏମକେ ଅଲଗା ହୋଇ ଯାଇଛି।

ଡିଏମକେର ୨୨ ଜଣ ସାଂସଦଙ୍କୁ ଏନଡିଏ ନିଜ ଆଡକୁ ଆଣିବାକୁ ପ୍ରୟାସ କରୁଛି। ଯଦି ଏହା ସଫଳ ହେବ, ତା'ହେଲେ ଏନଡିଏ ସମର୍ଥିତ ସାଂସଦଙ୍କ ସଂଖ୍ୟା ୩୩୫ ହୋଇଯିବ। ଶିବସେନା(ଉଦ୍ଧବ ଠାକରେ) ଗୋଷ୍ଠୀର କିଛି ଜଣ ଏନଡିଏକୁ ସମର୍ଥନ କରିଛନ୍ତି।ଯଦି ୬ ସାଂସଦ ଏନଡିଏର ସମର୍ଥନ କରିବେ, ତା'ହେଲେ ଏହା ୩୪୧ ହେବ। ଏପ୍ରିଲ ମାସରେ ବିଲ ଉପରେ ହୋଇଥିବା ଭୋଟ ସମୟରେ ଏନଡିଏକୁ ଅତିରିକ୍ତ ୫ ଭୋଟ ଅର୍ଥାତ ୨୯୮ ସାଂସଦଙ୍କ ସମର୍ଥନ ମିଳିଥିଲା। ତେଣୁ ୩୪୧ ସହ ଆଉ ୫ ସାଂସଦଙ୍କୁ ଯୋଡାଗଲେ ଏହି ସଂଖ୍ୟା ୩୪୮ ଛୁଇଁବ। ଅର୍ଥାତ୍ ଦୁଇ-ତୃତୀୟାଂଶ ସମର୍ଥନ ଠାରୁ ଏନଡିଏ ମାତ୍ର ୧୨ ଭୋଟ ପଛରେ ରହିବ। ଏପରି ସ୍ଥିତିରେ ଏନଡିଏ କିଛି ଛୋଟ ରାଜନୀତିକ ଦଳ, କ୍ରସ ଭୋଟିଂ ଓ ସ୍ୱାଧୀନ ସାଂସଦଙ୍କ ସମର୍ଥନ ହାସଲ କରିବାକୁ ଚେଷ୍ଟା କରୁଥିବା ଜଣାପଡିଛି।

## ପ୍ରଥମ ଶ୍ରେଣୀ ପୁସ୍ତକରେ ତ୍ରୁଟି ଖବରକୁ ସରକାରଙ୍କ ଖଣ୍ଡନ

ଭୁବନେଶ୍ୱର,୫।୮(ମହାଭାରତ): ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ରହିଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ରାଜ୍ୟ ସରକାର ମୁହଁ ଖୋଲିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଜି ନିଜର ଅଫିସିଆଲ 'ଏକ୍ସ' ହ୍ୟାଣ୍ଡଲରେ ଏହି ଖବରର କୌଣସି ଯଥାର୍ଥତା ନାହିଁ ବୋଲି କହିଛି। ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ମତାମତ ଆଧାରରେ ସଂଶୋଧନ କାର୍ଯ୍ୟ ଚାଲିଛି ଓ ଏହା ସମ୍ପୂର୍ଣ୍ଣ ହେବାପରେ ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି। ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡିକରେ ପାଯାଉଥିବା ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ବ୍ୟାପକ ତ୍ରୁଟି ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ରାଜ୍ୟ ସରକାର ଆଜି ନିଜର ସ୍ପଷ୍ଟୀକରଣ ଦେଇଛନ୍ତି।

ସୂଚନା ଅନୁସାରେ, ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡିକରେ ପାଯାଉଥିବା ପ୍ରଥମ ଶ୍ରେଣୀ ଓଡିଆ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ତ୍ରୁଟିପୂର୍ଣ୍ଣ ତଥ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ବହିର ସୂଚୀପତ୍ର ପୂର୍ବରୁ ଥିବା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର 'ଘନ ଘନ ବନଭୂମି' ପଦକୁ 'ଘନ ବନଭୂମି' ଲେଖାଯାଇଥିବା ଓ ଜାତୀୟ ସଙ୍ଗୀତରେ 'ଉତ୍କଳ' ଶବ୍ଦକୁ 'ଉତ୍ଲଳ' ଲେଖାଯାଇଛି। ତେବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଇନାହିଁ। କେବଳ ଅଭିଭାବକ ଓ ଶିକ୍ଷକମାନଙ୍କୁ ଏହି ପାଠ୍ୟପୁସ୍ତକର ପିଡିଏଫ କପି ପଠାଯାଇ ତାକୁ ପ୍ରିଣ୍ଟ କରିବା ପାଇଁ କୁହାଯାଇଥିବା ଅଭିଯୋଗ ହୋଇଛି।

ସ୍କୁଲଗୁଡିକୁ ସଂଶୋଧିତ ପୁସ୍ତକ ଦିଆଯିବା ପରିବର୍ତ୍ତେ ୧୭୧ ପୃଷ୍ଠାର ପିଡିଏଫ ଫାଇଲ ପଠାଯାଉଥିବାରୁ ଅଭିଭାବକମାନେ ଟଙ୍କା ଖର୍ଚ୍ଚ କରି ଏହାର ପ୍ରିଣ୍ଟ କିବାକୁ ବାଧ୍ୟ ହେଉଛନ୍ତି। ଘରୋଇ ସ୍କୁଲର ଶିକ୍ଷକମାନଙ୍କ କହିବା ଅନୁସାରେ, ଉପରୁ ଯାହା ନିର୍ଦ୍ଦେଶକ ଆସୁଛି ତାକୁ ସେମାନେ ବାଧ୍ୟ ହୋଇ ପାଉଛନ୍ତି। ତେବେ ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭ୍ରମାତ୍ମକ ଶିକ୍ଷା ପ୍ରସାରିତ ହେବାର ଭୟ ରହିଛି।

ଅଭିଭାବକ ଓ ଶିକ୍ଷକମାନଙ୍କୁ ଦିଆଯାଇଥିବା ଏହି ପିଡିଏଫ(ବହି) ଏସସିଇଆରଟି ଦ୍ୱାରା ପ୍ରସ୍ତୁତ ହୋଇଛି ଓ ସେଥିରେ କେତେକ ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି। ତେଣୁ ଏଭଳି ତ୍ରୁଟି କିପରି ହେଲା ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ତେବେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବାପରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଗକୁ ଆସିଛି। ବିଭାଗ ସ୍ପଷ୍ଟ କରିଛି ଯେ, ସଂଶୋଧିତ ପାଠ୍ୟପୁସ୍ତକରେ ତ୍ରୁଟି ଥିବା ନେଇ ପ୍ରଚାର କରାଯାଉଥିବା ଖବରର କୌଣସି ଯଥାର୍ଥତା ନାହିଁ। ପାଠ୍ୟପୁସ୍ତକଗୁଡିକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଗୁଣାତ୍ମକ କରିବା ପାଇଁ ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତଦାରଖରେ ସଂଶୋଧନ କାର୍ଯ୍ୟ ଏବେ ଜାରି ରହିଛି। ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ କହିଛି।

## ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍

ନୂଆଦିଲ୍ଲୀ,୫।୮(ମହାଭାରତ): ଆସନ୍ତା ଆର୍ଥିକ ବର୍ଷ ୧। ୨୦୨୭-୨୮ଠାରୁ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ଆରମ୍ଭ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଯୋଜନା ଅନୁସାରେ ପରୀକ୍ଷଣ ସଫଳ ରହିଲେ ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରାଯିବ। ରିଜର୍ଭ ବ୍ୟାଙ୍କ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବାକୁ ଯୋଜନା ରଖିଛି। ସରକାରଙ୍କଠାରୁ ଅନୁମୋଦନ ହାସଲ କରିବା ପରେ ଏହି ନୋଟ୍ର ପରୀକ୍ଷଣ ଆରମ୍ଭ କରାଯାଇଛି।ଏକ ଦଶନ୍ଧି ପୂର୍ବରୁ ପ୍ଲାଷ୍ଟିକ୍ ନୋଟ୍ ଆଣିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ପ୍ରଯୁକ୍ତି ଅଭାବ ଥିବାରୁ ତାହା ସମ୍ଭବ ହୋଇନଥିଲା। ଏବେ ପୁଣି ଥରେ ସେହି ଯୋଜନା ଉପରେ କାମ ଚାଲିଛି। ଶ୍ରୀ ମାଲହୋତ୍ରା କହିଛନ୍ତି ଯେ ବର୍ତ୍ତମାନ ପ୍ରଚଳନରେ ଥିବା କାଗଜରେ ପ୍ରସ୍ତୁତ ନୋଟ୍ ତୁଳନାରେ ପ୍ଲାଷ୍ଟିକ୍ ବା ପଲିମର୍ ନୋଟ୍ ଦୀର୍ଘସ୍ଥାୟୀ। ସେଥିପାଇଁ ବାରମ୍ବାର ବଦଳାଇବାକୁ ପଡୁଥିବା ଛୋଟ୍ ନୋଟ୍ରୁ ଏହାର ପ୍ରଚଳନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ବଡ ନୋଟ୍ ତୁଳନାରେ ଛୋଟ ନୋଟ୍ଗୁଡିକ ଶୀଘ୍ର ଖରାପ ହୋଇଯାଏ। କାରଣ ତାହା ବାରମ୍ବାର ଜଣଙ୍କଠାରୁ ଅନ୍ୟ ଜଣଙ୍କ ପାଖକୁ ଯାଇଥାଏ। ପ୍ଲାଷ୍ଟିକ୍ ନୋଟ୍ ଏଭଳି ମାମଲାରେ ଅଧିକ ଦିନ ଚାଲିବ। ଫଳରେ ସେହି ନୋଟ୍ ଗୁଡିକୁ ଆଉ ବାରମ୍ବାର ଛପାଇବା କିମ୍ବା ବଦଳାଇବାକୁ ପଡିବ ନାହିଁ।ଏକ ସର୍ବେକ୍ଷଣକୁ ଆଧାର କରି ରିଜର୍ଭ ବ୍ୟାଙ୍କ ଜଣାଇଛି ଯେ ପ୍ଲାଷ୍ଟିକ୍ ନୋଟ୍ ଛପାଇବାର ମୂଲ୍ୟ କାଗଜ ନୋଟ୍ ତୁଳନାରେ ଅଧିକ।

## ମନୋଜ ପାଢୀଙ୍କୁ ସର୍ତ୍ତମୂଳକ ଜାମିନ

ଭୁବନେଶ୍ୱର,୫।୮(ମହାଭାରତ): ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଅଭିଯୁକ୍ତ ମନୋଜ ପାଢୀଙ୍କୁ ମନୋଜ ପାଢୀଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ । ସର୍ତ୍ତମୂଳକ ଜାମିନ ପ୍ରଦାନ କଲେ କଟକ ଏସସି/ ଏସଟି କୋର୍ଟ।



ସୂଚନାଥାଉକି କିଛିଦିନ ତଳେ ପ୍ରଥମରୁ ଅଷ୍ଟମ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହା ପୂର୍ବରୁ ମନୋଜଙ୍କୁ ଘନଘନ ଜେରା କରାଯାଇଥିଲା । ଦୀର୍ଘ ଘଣ୍ଟା ଧରି ଜେରା କରାଯିବା ପରେ ତାଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ମନୋଜ ପାଢୀ ବହି ଗୁଡିକର ତଥ୍ୟଗତ ବୈଜ୍ଞାନିକ , ଭୌଗୋଳିକ ଏବଂ ଚିତ୍ର ସମ୍ପର୍କିତ ତ୍ରୁଟିଗୁଡିକୁ ସଠିକ ଭାବରେ ଯାଞ୍ଚ ନକରି ଜାଣି ଶୁଣି ପ୍ରିଣ୍ଟିଂ ପାଇଁ ଅନୁମୋଦନ ଦେଇଥିବା ଅଭିଯୋଗ ହୋଇଥିଲା । ମାମଲାରେ ପୂର୍ବରୁ ସରକାର ମନୋଜ ପାଢୀଙ୍କ ସମେତ ତିନି ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରିଥିଲେ। ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଥିଲା। ଅନ୍ୟପଟେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମଙ୍ଗଳବାର ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ସମ୍ପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାରେ ଜଣେ କିମ୍ବା ଦୁଇଜଣ ନୁହନ୍ତି, ୨୪୦ ଜଣ ସାମିଲ ରହିଛନ୍ତି। ସେମାନଙ୍କ ତାଲିକା ପ୍ରସ୍ତୁତ ହୋଇଛି। ପୁସ୍ତକ ପ୍ରସ୍ତୁତିଠାରୁ ଆରମ୍ଭ କରି ଡିଟିପି ଓ ଡିଜାଇନ୍, ଛପାଯିବା, ପ୍ରକାଶନ, ବଣ୍ଟନ ପରି ବହୁତ ବଡ ପ୍ରକ୍ରିୟା ହୋଇଥିବାରୁ ତାହାର ଯାଞ୍ଚ କରିବାକୁ ସମୟ ଲାଗୁଛି। ବିଭିନ୍ନ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କର କେଉଁଭଳି ଭୂମିକା ରହିଥିଲା ତାହାର ମଧ୍ୟ ଅନୁଧ୍ୟାନ ଚାଲିଛି। କ୍ରାଇମବ୍ରାଞ୍ଚର ଏକାଧିକ ଟିମ୍ ଗୋଟିଏ ଗୋଟିଏ ପ୍ରକ୍ରିୟାକୁ ଅନୁଧ୍ୟାନ କରୁଛନ୍ତି ବୋଲି ଡିଜି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

### କନଷ୍ଟେବଲ ସୌମ୍ୟରଞ୍ଜନ ହତ୍ୟା ଘଟଣା

# ୭୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୫।୮(ମହାଭାରତ.): ବହୁ ଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟରେ ୭୬୭ ପୃଷ୍ଠା ବିଶିଷ୍ଟ ଚାର୍ଜସିଟ୍ ଦାଖଲ କରାଯାଇଛି। ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ସେମାନେ

**୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କଲା**



ହେଉଛନ୍ତି- ଯୁଧିଷ୍ଠିର ଜେନା, ରଞ୍ଜିତ ପାତ୍ର, ରଞ୍ଜିତ ରଣା, ପଞ୍ଚାନନ ବଡ଼ଜେନା, ବିନୋଦ କୁମାର ବେହେରା, ପ୍ରଦୀପ ଚନ୍ଦ୍ର ମଙ୍ଗରାଜ, ଅଶୋକ କୁମାର ଜେନା, ବିଭୁତି ଭୂଷଣ ପରିଡ଼ା,ସୁବାସ ଭୋଇ, ସ୍କାଏଲାବ ପତି ଓ ବିସ୍ମୟ ମହାନ୍ତି।ଏହି ଚାର୍ଜସିଟ୍ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୦୩(୧), ୧୯୧(୨), ୧୯୧(୩), ୧୮୯(୪), ୧୯୦ ଏବଂ ୧୨୭(୨) ଅନୁଯାୟୀ ଦାଖଲ କରାଯାଇଛି। ତଦନ୍ତ ସମୟରେ ସଂଗୃହୀତ ମୌଖିକ, ଦସ୍ତାବିଜ, ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ସମର୍ଥନକାରୀ ପ୍ରମାଣ ଆଧାରରେ ଏହି ଚାର୍ଜସିଟ୍ ଦାଖଲ ହୋଇଛି। ଏହି ମାମଲାରେ ୨୦ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଏହି ୧୧ ଜଣ ଅଭିଯୁକ୍ତ ଅଛନ୍ତି।

ଅନ୍ୟ ୯ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ଚଲାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେମାନେ ହେଉଛନ୍ତି- ସନ୍ତୋଷ ପତି ଓରଫ ମଣ୍ଟୁ, ସୂରଜ ଓଝା, ସଂଗ୍ରାମ ଭୋଇ, ପ୍ରମୋଦ ଜେନା, ବଷ୍ଟି ଜେନା, ସୂରଜିତ ରଣା, ଅଭିଷେକ କର, ସଦାନନ୍ଦ ଖୁଣ୍ଟିଆ ଓ ବିକ୍ରମ କେଶରୀ ଦାସ। ବାଲିଅନ୍ତାର ପୂର୍ବତନ ତଦନ୍ତ ଅଧିକାରୀ ଏହି ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ଧାରା ୧୯୩(୯) ଅନୁଯାୟୀ ଏହି ମାମଲାର ତଦନ୍ତ ଜାରି ରହିଛି। ଅଧିକ ପ୍ରମାଣ ସଂଗ୍ରହ, ବକେୟା ଫରେନ୍ସିକ୍ ରିପୋର୍ଟ ପ୍ରାପ୍ତି ଓ ଯାଞ୍ଚ, ଏବଂ ଅନ୍ୟାନ୍ୟ ତଥ୍ୟର ତଦନ୍ତ ଜାରି ରହିଛି ।

ସିଆଇଡି-କ୍ରାଇମବ୍ରାଞ୍ଚ କହିଛି, ଘଟଣାରେ ସମ୍ପୃକ୍ତ ଅନ୍ୟ ଚିହ୍ନଟ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ଅଧିକ ପ୍ରମାଣ ସଂଗ୍ରହ ପାଇଁ ତଦନ୍ତକୁ ପ୍ରାଥମିକତା ଭିତ୍ତିରେ ଜାରି ରଖାଯାଇଛି। ଆଗକୁ ଯଦି ଆହୁରି କିଛି ପ୍ରମାଣ ମିଳେ, ତା'ହେଲେ ଆଇନ ଅନୁଯାୟୀ କୋର୍ଟରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜା ଅଞ୍ଚଳରେ ଗତ ମେ' ୭ ତାରିଖରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା।

# ୨୬ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ୨ ଆରଟିଓ କର୍ମଚାରୀ

ଭୁବନେଶ୍ୱର,୫।୮(ମହାଭାରତ): ଭିଜିଲାନ୍ସ ଜାଲରେ ପଡିଛନ୍ତି ରାଉରକେଲା ଆର.ଟି.ଓ. କାର୍ଯ୍ୟାଳୟର ଡିଲିଂ କ୍ଲର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢ ଏବଂ ଆଇ.ଟି. ଏକ୍ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା। ନିକଟରେ ଇଣ୍ଡସଇଣ୍ଡ ବ୍ୟାଙ୍କ ଠାରୁ ନିଲାମ ବିକ୍ରି ମାଧ୍ୟମରେ କିଣାଯାଇଥିବା ଦୁଇଟି ଟ୍ରକର ରଜଉ (ଫ୍ରେଶ୍ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍/ନୂତନ ପଞ୍ଜୀକରଣ ପ୍ରମାଣପତ୍ର) ଆବେଦନର ପ୍ରକ୍ରିୟାକରଣ ପାଇଁ ମାଲିକଙ୍କଠାରୁ ୨୬,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଏହି ଦୁଇ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଟ୍ରକ୍ ଦୁଇଟିର ପୂର୍ବତନ ମାଲିକ ଇଣ୍ଡସଇଣ୍ଡ ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ କରିପାରି ନଥିଲେ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟ୍ରକ୍ ଦୁଇଟିକୁ ନିଲାମ କରିଥିଲେ। ନୂଆ ମାଲିକ ବ୍ୟାଙ୍କଠାରୁ ଉକ୍ତ ଦୁଇ ଟ୍ରକ୍ କିଣିଥିଲେ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ନିୟମ ଅନୁଯାୟୀ, ନିଲାମ ହୋଇଥିବା ଟ୍ରକର ନୂତନ ମାଲିକ ନିଜର ଦୁଇଟି ଟ୍ରକ୍ ପାଇଁ ରାଉରକେଲା ଆର.ଟି.ଓ. କାର୍ଯ୍ୟାଳୟରେ ରଜଉ ପାଇଁ ଆବେଦନ କରିଥିଲେ। ମାଲିକଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡିଲିଂ କ୍ଲର୍କ ନିରଞ୍ଜନ ଷଣ୍ଢ ରଜଉ ପ୍ରଦାନ ପାଇଁ ତାଙ୍କ ଆବେଦନର ପ୍ରକ୍ରିୟାକରଣ କରୁନଥିଲେ। ଏହା ବଦଳରେ ସେ ଟ୍ରକ୍ ମାଲିକଙ୍କଠାରୁ ୨୬,୦୦୦ ଟଙ୍କା (ଟ୍ରକ୍ ପିଛା ୧୩,୦୦୦ ଟଙ୍କା ହିସାବରେ) ଲାଞ୍ଚ ଦାବି କରିଥିଲେ।

ଲାଞ୍ଚ କଥା ଶୁଣି ଟ୍ରକ୍ ମାଲିକ ଅସନ୍ତୁଷ୍ଟ ହୋଇଥିଲେ ଓ ଏହି ବିଷୟରେ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଯୋଜନା ପ୍ରକାରେ ଟ୍ରକ୍ ମାଲିକ ଆଜି ଲାଞ୍ଚ ଅର୍ଥ ଦେଇଥିଲେ। ଡିଲିଂ କ୍ଲର୍କ ନିରଞ୍ଜନ ଷଣ୍ଢ ଏବଂ ଆଇ.ଟି. ଏକ୍ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଥିଲା। ଏହା ପରେ ଡିଲିଂ କ୍ଲର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢଙ୍କ ତିନିଟି ଠିକଣାରେ ଏକକାଳୀନ ଚାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚାଉ କରାଯାଇଥିଲା। ଏହି ଘଟଣା ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଉଭୟ ଅଭିଯୁକ୍ତ ଡିଲିଂ କ୍ଲର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢ ଏବଂ ଆଇ.ଟି. ଏକ୍ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରାଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

## ବାଂଲାଦେଶ ଫେରିବେ ଶେଖ୍ ହସିନା

ଢାକା,୫।୮(ମହାଭାରତ): ଶେଖ୍ ହସିନା ୫ ଅଗଷ୍ଟ ୨୦୨୪ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବାଂଲାଦେଶ ଛାଡ଼ିଥିଲେ। ସେହି ଦିନ ପ୍ରବଳ ଛାତ୍ର ଆନ୍ଦୋଳନ ଏବଂ ହିଂସାତ୍ମକ ପ୍ରଦର୍ଶନ ପରେ ତାଙ୍କୁ ହଠାତ୍ ଦେଶ ଛାଡ଼ିବାକୁ ପଡ଼ିଥିଲା।ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭର୍ଚୁଆଲ୍ ମାଧ୍ୟମରେ ଭାରତରୁ ଆନ୍ତର୍ଜାତୀୟ ଗଣମାଧ୍ୟମକୁ ସମ୍ବୋଧିତ କରିବାକୁ ଯାଉଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାଂଲାଦେଶ ଆୱାମୀ ଲିଗ୍ର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ଏବଂ ତାଙ୍କ ପୁଅ ସଜୀବ ୱାଜେଦ୍ ମଧ୍ୟ ବ୍ୟକ୍ତିଗତ ଭାବେ ଓ ଭର୍ଚୁଆଲ୍ ମାଧ୍ୟମରେ ଅଂଶଗ୍ରହଣ କରିଛନ୍ତି। ଏହି ସମୟରେ ସଜୀବ ୱାଜେଦ୍ ନିଜ ସମ୍ବୋଧନରେ ଘୋଷଣା କରିଛନ୍ତି ଯେ ଶେଖ୍ ହସିନା ବାଂଲାଦେଶ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି।ସଜୀବ ୱାଜେଦଙ୍କ ପୂର୍ବରୁ ଆଡ୍ଭୋକେଟ୍ ଶାହ ମହମ୍ମଦ ବଖ୍ତିୟାର୍ ମହମ୍ମଦ ୟୁନୁସଙ୍କ ପୂର୍ବ ଶାସନକାଳର କଡ଼ା ସମାଲୋଚନା କରିଥିଲେ। ସେ ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଦ୍ୱାରା ଶେଖ୍ ହସିନାଙ୍କ 'ଫର୍ଜି' (ମିଥ୍ୟା) ମୋକଦ୍ଦମାର ମଧ୍ୟ ନିନ୍ଦା କରିଥିଲେ। ଅନ୍ୟପଟେ, ବାଂଲାଦେଶର ପୂର୍ବତନ କୂଟନୀତିଜ୍ଞ ତଥା ଗୁପ୍ତଚର ଅଧିକାରୀ ଅମୀନୁଲ୍ ହକ୍ ପୋଲାଶଙ୍କ କହିବା କଥା ଯେ ଶେଖ୍ ହସିନା ଶାସନର ପତନ ପରେ ନିକଟ ବର୍ଷଗୁଡ଼ିକରେ ଉଗ୍ରବାଦରେ ଗମ୍ଭୀର ବୃଦ୍ଧି ଘଟିଛି। ସେ କହିଛନ୍ତି ଯେ ଅଗଷ୍ଟ ୨୦୨୪ ରୁ ବାଂଲାଦେଶରେ ଆତଙ୍କବାଦ ଏବଂ ଇସଲାମୀ ଚରମପନ୍ଥାରେ ବୃଦ୍ଧି ଦେଖିବାକୁ ମିଳିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରବୃତ୍ତି କେବଳ ବାଂଲାଦେଶ ନୁହେଁ, ବରଂ ସମଗ୍ର ଦକ୍ଷିଣ ଏସୀୟ କ୍ଷେତ୍ର ପାଇଁ ସୁରକ୍ଷା ବିପଦ ସୃଷ୍ଟି କରୁଛି।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:** ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

# କିଙ୍ଗ' ସେଟରୁ ଶାହରୁଖଙ୍କ ଲୁକ୍ ଲିକ୍



ବଲିଉଡ୍ର ବାଦଶାହ ଶାହରୁଖ ଖାନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ କିଙ୍ଗକୁ ନେଇ ଏବେଠାରୁ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଯାହା ୨୪ ଡିସେମ୍ବର ୨୦୨୬ରେ ରିଲିଜ ହେବାକୁ ଯାଉଛି । ଫିଲ୍ମ ରିଲିଜ ହେବା ପୂର୍ବରୁ ସୋସିଆଲ ମିଡିଆରେ ଶାହରୁଖଙ୍କ ଏକ ଲୁକ୍ ସାମ୍ନାକୁ ଆସିଛି । ଏହି ଫଟୋକୁ ଫିଲ୍ମର ସେଟ୍ର ବୋଲି ଦାବି କରାଯାଉଛି, ଯାହା ଫ୍ୟାନ୍ସଙ୍କ ଉତ୍ସାହକୁ ଦୁଇଗୁଣ କରିଦେଇଛି ।'କିଙ୍ଗ'ରେ ଶାହରୁଖ ଖାନଙ୍କ ସହ ତାଙ୍କ ଝିଅ ସୁହାନା ଖାନ, ଦୀପିକା ପାଦୁକୋଣ, ଅଭିଷେକ ବଚ୍ଚନ, ଅନିଲ କପୁର ଏବଂ ରାଘବ ଜୁୟାଲ ଭଳି ଷ୍ଟାରମାନେ ଅଭିନୟ କରୁଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସିଦ୍ଧାର୍ଥ ଆନନ୍ଦ। ସୂଚନା ଅନୁସାରେ, ଫିଲ୍ମର ଶେଷ ସୂଚୀର ସୁଟିଂ ପାଇଁ ଏକ ନୂଆ ଲୋକେସନ୍ ଖୋଜାଯାଉଛି, ଯେଉଁଠାରେ ଆଗରୁ କେବେ ବି ସୁଟିଂ ହୋଇନାହିଁ ।ଭାଇରାଲ ହୋଇଥିବା ଏହି ଫଟୋରେ ଶାହରୁଖ ଖାନଙ୍କ ମୁହଁରେ ରକ୍ତ ଲାଗିଥିବା ଦେଖାଯାଉଛି ।

## ଆଖି ତଳ କଳାଦାଗର ଉପଚାର

ଶୀତଦିନିଆ ଥଣ୍ଡା ପରିବେଶ କାରଣରୁ କେତେଜଣଙ୍କର ଆଖି ତଳ କଳାଦାଗ ସମସ୍ୟା ବଢ଼େ। ଏଥିରୁ ରକ୍ଷା ପାଇବାକୁ କେତୋଟି ସରଳ ଘରୋଇ ଉପଚାର:

- ବାଦାମ ତେଲ ୧ଚାମଚ ଓ ଲେମ୍ବୁ ରସ ଅଧ ଚାମଚକୁ ମିଶାଇ ତୁଳାରେ ନେଇ ଆଖି ତଳ କଳାଦାଗରେ ଲଗାଇ ୨ମିନିଟ୍ ମାଲିସ୍ କରନ୍ତୁ। ରାତିରେ ଏଇ ପ୍ୟାକ୍ ଲଗାଇ ଶୋଇବା ଭଲ। ସପ୍ତାହେ କରିବା ପରେ ଫରକ୍ ଜାଣିପାରିବେ।
- କଞ୍ଚା ଖିରରେ ଭିଟାମିନ୍ ଇ ମିଶାଇ ଆଖି ଚାରିପାଖେ ମାଲିସ୍ କରନ୍ତୁ। ସ୍ନାନ ପୂର୍ବରୁ ଏହି ପ୍ୟାକ୍ ଲଗାନ୍ତୁ। ଆଖି ତଳ କଳାଦାଗ ଦୂର ହେବା ପରେ ମଧ ଏଇ ପ୍ୟାକ୍ ଲଗାଇଲେ ଆଖି ବିନ୍ଧା ସମସ୍ୟା ଦୂର ହୁଏ।



- କାକୁଡ଼ି ଓ ଟମାଟୋ ରସ ସମପରିମାଣରେ ମିଶାଇ ଆଖି ତଳ କଳାଦାଗରେ ଲଗାଇବା ଭଲ। ପ୍ରତିଦିନ ଏଇ ପ୍ୟାକ୍ ଲଗାଇଲେ ଶୀଘ୍ର ଫରକ୍ ଜାଣିପାରିବେ।

## ନାରଦ ପୁରାଣ: ଛାତ୍ରଛାତ୍ରୀମାନଙ୍କୁ ମହର୍ଷିଙ୍କ ଉପଦେଶ

ନାରଦ ଜଣେ ପରମ ଜ୍ଞାନୀ। ସେ ଭଗବାନ ବିଷ୍ଣୁଙ୍କର ଅନନ୍ୟ ଭକ୍ତ ମଧ । ମହର୍ଷି ନାରଦ ଏକ ପୁରାଣ ରଚନା କରିଥିଲେ। ଯାହା ଭାରତୀୟଙ୍କ ଲାଗି ଆଜି ବି ଅମୂଲ୍ୟ ସମ୍ପଦ ହୋଇ ରହିଛି। ପୁରାଣରେ ନାରଦ ଗଣିତ, ଜ୍ୟୋତିଷ ସମେତ ବ୍ୟବହାରିକ ବିଷୟରେ ଅନେକ ସୂତ୍ର ଦେଇଯାଇଛନ୍ତି ଯାହା ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ହେଉଛି। ଏଣୁ ନାରଦଙ୍କ ମନ୍ତ୍ର ଛାତ୍ରଛାତ୍ରୀଙ୍କ ଲାଗି ମଧ ଅନେକ ଉପଯୋଗୀ। ତେବେ ସେମାନେ ନିଜକୁ ପୁରାଣ



ଅନୁସାରେ ପ୍ରସ୍ତୁତ କରିବାକୁ ପଡିବ। ତେବେ ଆସନ୍ତୁ ଜାଣିବା ପୁରାଣରେ ଛାତ୍ରଛାତ୍ରୀଙ୍କ ଲାଗି କ'ଣ ପରାମର୍ଶ ଦେଇଛନ୍ତି ମହର୍ଷି ନାରଦ।

ପିମ୍ପୁଡିକୁ ଅନୁକରଣ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଯାଇଛନ୍ତି ମହର୍ଷି ନାରଦ। ପିମ୍ପୁଡି ଯେପରି ପ୍ରତିଦିନ ଅଳ୍ପଅଳ୍ପ କରି ଖାଦ୍ୟ ସଞ୍ଚୟ କରେ ଠିକ୍ ସେହିପରି ବିଦ୍ୟାର୍ଥୀ ନିୟମିତ କରୁଥିବା ଅଧ୍ୟୟନର ଅଭ୍ୟାସ କରିବା ଉଚିତ। ଯେପରି ତାହା ସେମାନେ ମନେ ରଖି ପାରିବା ସହ ଜୀବନର ଯେ କୌଣସି ସ୍ଥାନରେ ଆବଶ୍ୟକ ପଡିଲେ ତାର ପ୍ରୟୋଗ କରିପାରିବେ। ସେହିପରି ହଂସ ଓ ଗରୁଡଙ୍କୁ ଭଳି ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ନାରଦ।

ହଂସ ଓ ଗରୁଡ ଖାଦ୍ୟ ସଂଗ୍ରହ ଲାଗି ଖୁବ ଦୂର ପର୍ଯ୍ୟନ୍ତ ଉଡିଯାଆନ୍ତି। ଠିକ୍ ସେହିପରି ବିଦ୍ୟାର୍ଜନ ନିମନ୍ତେ ଯେଉଁଠାକୁ ବି ଯିବାକୁ ପଡେ ସେଠାକୁ ଯିବା ଲାଗି ଛାତ୍ରଛାତ୍ରୀ ମନରେ ସାହାସ ରଖିବା ଦରକାର ବୋଲି ନାରଦ ପୁରାଣରେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ନାରଦ ଜିହ୍ୱା ଉପରେ ସଞ୍ଜମତା ଆଚରଣ ଲାଗି ମଧ ପରାମର୍ଶ ଦେଇଛନ୍ତି। ନିଜର ବାଣୀ ଓ ଖାଦ୍ୟ ପେୟ ପ୍ରତି ସଞ୍ଜମତା ଏହାର ମୂଳ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କ ଲାଗି ଖାଦ୍ୟ ଓ ପାନୀୟ ସେମାନଙ୍କର ଆବଶ୍ୟକତା ହେବା ଦରକାର ଏହାଠୁ ଅଧିକ ଆଶା କରିବା ଉଚିତ ନୁହେଁ ବୋଲି କହିଛନ୍ତି ନାରଦ।

ନିଦ ଉପରେ ବିଜୟ ପ୍ରାପ୍ତ କରିବାକୁ ନାରଦ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଛାତ୍ରଛାତ୍ରୀ ନିଦ୍ରାକୁ ପ୍ରାଥମିକତା ଦେବେ ତେବେ ଜ୍ଞାନ ଆହରଣ କରିପାରିବେ ନାହିଁ। ଏଣୁ ଜ୍ଞାନ ପ୍ରାପ୍ତି ଲାଗି ଛାତ୍ରଛାତ୍ରୀଙ୍କୁ ନିଦ୍ରା ପରିହାର କରିବାକୁ ପଡିବ। ସ୍ୱାସ୍ଥ୍ୟ ଲାଗି ଯେତିକି ଆବଶ୍ୟକ ସେତିକି ଶୟନ ହିଁ କରିବାକୁ ନାରଦ ପୁରାଣରେ ଉଲ୍ଲେଖ କରିଛନ୍ତି। ସେହିପରି ବିଦ୍ୟାଧ୍ୟାୟୀ ପ୍ରେମ ପ୍ରସଙ୍ଗରୁ ଦୂରରେ ରହିବା ଜରୁରୀ ବୋଲି ମଧ ମହର୍ଷି କହିଯାଇଛନ୍ତି। ପାଠପଢ଼ା ବେଳେ ଭାବି ଗ୍ରାହ୍ୟସ୍ଥାଶ୍ରମର ଚିନ୍ତା ନ କରି ପ୍ରଥମେ ଶିକ୍ଷାଦୀକ୍ଷା ଲକ୍ଷ ହାସଲ ହେବା ଦରକାର ବୋଲି କହିଛନ୍ତି ମହର୍ଷି।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

# ସପ୍ତସ୍ୱର ପ୍ରଦାନକାରୀ ଦେବୀ ସରସ୍ୱତୀ

ମା' ସରସ୍ୱତୀଙ୍କୁ ବିଦ୍ୟା, ସଙ୍ଗୀତ ଏବଂ ବୁଦ୍ଧିର ଦେବୀ କୁହାଯାଏ । ସରସ୍ୱତୀ ସମସ୍ତ ସନ୍ଦେହ ନିବାରଣ କରି ବୁଦ୍ଧି ପ୍ରଦାନ କରିଥାନ୍ତି । ତାଙ୍କର ଉପାସନା ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଦେବୀ



ସରସ୍ୱତୀଙ୍କୁ ସଂଗୀତଶାସ୍ତ୍ରର ଅଧିଷ୍ଠାତ୍ରୀ ଦେବୀ କୁହାଯାଏ । ତାଳ, ସ୍ୱର, ଲୟ, ରାଗ-ରାଗିଣୀ ଆଦି ଦେବୀ ସରସ୍ୱତୀ ହିଁ ସଂସାରକୁ ପ୍ରଦାନ କରିଥାନ୍ତି । ସାତ ପ୍ରକାରର ସ୍ୱର ସହିତ ଦେବୀ ସରସ୍ୱତୀଙ୍କୁ ସ୍ମରଣ କରାଯାଇଥାଏ । ସେଥିପାଇଁ ଦେବୀଙ୍କୁ ସ୍ୱରାତ୍ମିକା ମଧ କୁହାଯାଇଥାଏ । ସପ୍ତବିଦ୍ଧ ସ୍ୱର ଜ୍ଞାନ ପ୍ରଦାନ କରୁଥିବା କାରଣରୁ ତାଙ୍କ ନାମ ସରସ୍ୱତୀ ହୋଇଛି । ବୀଣାବାଦିନୀ ସରସ୍ୱତୀ ସଂଗୀତମୟ ଜୀବନ ଜିଇଁବା ଲାଗି ପ୍ରେରଣା ପ୍ରଦାନ କରିଥାନ୍ତି। ବୀଣା ବଜାଇବା ଦ୍ୱାରା ଶରୀର ଏକପ୍ରକାର ସ୍ଥିର ହୋଇଯାଇଥାଏ । ଏଥିରେ ଶରୀରର ପ୍ରତ୍ୟେକ ଅଙ୍ଗ ସମାଧି ଅବସ୍ଥାକୁ ଚାଲିଆସିଥାଏ । ସାମବେଦର ସମସ୍ତ ବିଧି-ବିଧାନ କେବଳ ବୀଣାର ସ୍ୱର ଉପରେ ଆଧାରିତ । ସରସ୍ୱତୀ ଦେବୀ ସର୍ବଦା ଧଳାରଙ୍ଗର ବସ୍ତ୍ର ଧାରଣ କରିଥାନ୍ତି । ଏହାର ଅର୍ଥ ହେଉଛି, ସେ ସତ୍ତ୍ୱଗୁଣ ସମ୍ପନ୍ନ ଦେବୀ । ଦେବୀ ଭାଗବତରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବୀ ସରସ୍ୱତୀଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ତିନି ଦେବତା ପୂଜା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ହାତରେ ପଦ୍ମ ଶୋଭା ପାଇଥାଏ । ଏହା ନିରପେକ୍ଷ ଜୀବନ ଜିଇଁବା ଲାଗି ପ୍ରେରଣା ଦେଇଥାଏ । ହାତରେ ପୁସ୍ତକ ସମସ୍ତ ଜ୍ଞାନ ଜାଣିବା ଲାଗି ପ୍ରେରଣା ଦେଇଥାଏ । ଲେଖକ କବି, ସଙ୍ଗୀତକାର ସମସ୍ତେ ଦେବୀ ସରସ୍ୱତୀଙ୍କୁ ବନ୍ଦନା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ଉପାସନା ଦ୍ୱାରା ଶରୀରରେ ଅଭୂତ ଶକ୍ତି ସଞ୍ଚରିତ ହୋଇଥାଏ । ମାତା ରୋଗ, ଶୋକ, ଚିନ୍ତା ଏବଂ ମନରେ ରହିଥିବା ବିକାର ଦୂର ହୋଇଥାଏ । ବୀଣାଧାରିଣୀ ସରସ୍ୱତୀଙ୍କ ପୂଜା ମାନବ କଲ୍ୟାଣ ଜୀବନଦର୍ଶନ ଉପରେ ଆଧାରିତ । ଯାଜ୍ଞବଲ୍କ୍ୟ ବାଣୀ ସ୍ତୋତ୍ର, ବଶିଷ୍ଠ ସ୍ତୋତ୍ର ଆଦିରେ ସରସ୍ୱତୀଙ୍କ ଉପାସନା ବିଧି ବର୍ଣ୍ଣିତ । ପୁରାଣରେ ଆଉ ଏକ ଦୃଷ୍ଟାନ୍ତ ରହିଛି । କୁମ୍ଭକର୍ଣ୍ଣର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ପ୍ରକଟ ହେଲେ । ସେ କେବଳ ଭୋଜନ କରିବା ଲାଗି ବର ମାଗିଲା । ବ୍ରହ୍ମଦେବ ଭାବିଲେ, ଯଦି ଏକ ମୂଢ଼ କେବଳ ଖାଇଚାଲିବ, ଦିନେ ଦୁନିଆରୁ ସବୁ ସରିଯିବ । ଏହାପରେ ସେ ସରସ୍ୱତୀଙ୍କୁ ସ୍ମରଣ କଲେ । ଦେବୀ ସରସ୍ୱତୀ କୁମ୍ଭକର୍ଣ୍ଣର ବୁଦ୍ଧି ବିକୃତ କରିଦେଲେ । ଏହାର ପରିଣାମ ସ୍ୱରୂପ କୁମ୍ଭକର୍ଣ୍ଣ ୬ ମାସ ନିଦ୍ରା ଏବଂ ୬ ମାସ ଭୋଜନ ପାଇଁ ବର ମାଗିଲା । ଏହିପରି ମାତା ସରସ୍ୱତୀ ରାକ୍ଷସ କୁମ୍ଭକର୍ଣ୍ଣର ମୃତ୍ୟୁର ବାଟ କରିଦେଲେ ।

# ବନ୍ୟା ଯୋଗୁଁ ଫସଲ କ୍ଷୟକ୍ଷତିର ସମୀକ୍ଷା

**ଭୁବନେଶ୍ୱର,୫।୮ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଶୁକ୍ରବାର ବନ୍ୟା ପରିସ୍ଥିତି ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କୃଷି ବିଭାଗ କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ଡ. ପ୍ରଭାତ ରାଉଳ, ଉଦ୍ୟାନକୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ମୃତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଆପିକଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ନିତି ରଂଜନ ସେନ ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ବ୍ୟକ୍ତ କରିଛନ୍ତି ଯେ ରାଜ୍ୟ ସରକାର 'ପ୍ରଥମେ ଚାଷୀ ନୀତିକୁ କଡ଼ାକଡ଼ି ଭାବେ ଆପଣାଉଛନ୍ତି ଏବଂ ପ୍ରଭାବିତ ଅଞ୍ଚଳର କୃଷକମାନଙ୍କୁ କ୍ଷୟକ୍ଷତି ନେଇ ଭୟଭୀତ ନହେବା ପାଇଁ ଅନୁରୋଧ କରିଛନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୧୮ଟି ଜିଲ୍ଲାର ଚାଷ ଜମି ପ୍ରଭାବିତ ହୋଇଛି—ଏଥିପାଇଁ ତୁରନ୍ତ ଆବଶ୍ୟକୀୟ ଜରୁରୀକାଳୀନ ପଦକ୍ଷେପ ଏବଂ ସହାୟତା ବ୍ୟବସ୍ଥା ସକ୍ରିୟ କରାଯାଇଛି। ତୁରନ୍ତ ଏବଂ ସ୍ୱଚ୍ଛ ମୂଲ୍ୟାଙ୍କନ ନିଶ୍ଚିତ କରିବା ପାଇଁ ସରକାର ଏକ



ସ୍ୱତନ୍ତ୍ର ଆକଳନ କମିଟି ଗଠନ କରିଛନ୍ତି, ଯାହା ଶୀଘ୍ର ବିସ୍ତୃତ ଫସଲ କ୍ଷତିପୂରଣ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ଏକ ବ୍ୟାପକ କୃଷି ସହାୟତା ପ୍ୟାକେଜ୍ ଘୋଷଣା କରାଯିବ, ଯେଉଁଥିରେ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ପ୍ରାରମ୍ଭିକ କ୍ଷୟକ୍ଷତି ସମୟରେ ଚାଷୀଙ୍କୁ ସହାୟତା କରିବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ବିହନ ଉପଲବ୍ଧତା ସମ୍ପର୍କିତ ଏକ ସମ୍ପୂର୍ଣ୍ଣ ଜରୁରୀକାଳୀନ ରିପୋର୍ଟ ଉପସ୍ଥାପନ କରିଛନ୍ତି। ସହାୟତା ପଦକ୍ଷେପ ସହିତ, ଚାଷୀମାନଙ୍କୁ ଫସଲର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଓୟୁଏଟି ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞଙ୍କ ମାଧ୍ୟମରେ ଦୈନନ୍ଦିନ ଫସଲ ପରାମର୍ଶ ଜାରି କରାଯାଉଛି। କୃଷକମାନଙ୍କୁ ବିଦ୍ୟମାନ ଧାନ ତଳିଘରର ଯତ୍ନ ନେବା, ସ୍ୱଳ୍ପ ଅବଧି ବିଶିଷ୍ଟ ବିହନ ବ୍ୟବହାର କରିବା ଏବଂ ଗୁରୁତର ଭାବେ କ୍ଷତିଗ୍ରସ୍ତ ଜମିରେ ଅଣ-ଧାନ ଫସଲ ଆପଣେଇବା ପାଇଁ ପରାମର୍ଶ ଦିଆଯାଇଛି। ଖରିଫ ଫସଲର କ୍ଷତିପୂରଣ ପାଇଁ ଆଗାମୀ ରବିଋତୁ ଉପରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବେ। କ୍ଷେତ୍ରସ୍ତରୀୟ ସମସ୍ୟା ଏବଂ ଅଭିଯୋଗର ସମାଧାନ ପାଇଁ ମୁଖ୍ୟାଳୟରେ ଜଣେ ନୋଡାଲ ଅଫିସର ଏବଂ ବ୍ଲକ ସ୍ତରରେ ନିୟୋଜିତ ଅଧିକାରୀଙ୍କୁ ନେଇ ଏକ ତ୍ରିସ୍ତରୀୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଚାଷୀମାନେ ପରାମର୍ଶ ଏବଂ ସହାୟତା ପାଇଁ ସକାଳ ୮:୦୦ ରୁ ସନ୍ଧ୍ୟା ୮:୦୦ ପର୍ଯ୍ୟନ୍ତ ଟୋଲ୍-ଫ୍ରି କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରିପାରିବେ। ଏହି ଅବସରରେ, 'ପିଏମ୍-କିଷାନ' ଯୋଜନାକୁ ଆଉ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରିବା ଏବଂ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ଶକ୍ତି ସଂରକ୍ଷଣ ପ୍ରଣାଳୀ) ସହିତ ଭାସମାନ ସୌର ଫୋଟୋଭୋଲ୍ଟାଇକ୍ ପ୍ରକଳ୍ପର ବିକାଶ ପାଇଁ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନା କୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀ ଏବଂ କୃଷକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବେପରୁଆ ଡ୍ରାଇଭରଙ୍କୁ ଜଗିବ ଏଆଇ

**ଭୁବନେଶ୍ୱର,୫।୮ (ମହାଭାରତ):** ଟ୍ରାଫିକ ନିୟମ ଉଲଂଘନକାରୀ ସାବଧାନ । ନିୟମ ଭାଙ୍ଗିଲେ ଆଉ ନିସ୍ତାର ନାହିଁ । ଅମାନିଆ ତଥା ବେପରୁଆ ଡ୍ରାଇଭରଙ୍କୁ ଜଗିବ ଏଆଇ । ଆଜିଠୁ କଟିବ ଏଆଇ ଇ – ଚାଲାଣ । ପ୍ରଥମ ପର୍ଯ୍ୟାୟରେ ମଙ୍ଗୁଳି-ସମ୍ବଲପୁର-ରାଉରକେଲା, ବ୍ରହ୍ମପୁର-ତପ୍ତପାଣି-ଭଞ୍ଜନଗର ରାସ୍ତାରେ ଲାଗୁ ହେବ ବ୍ୟବସ୍ଥା । ଏନେଇ ପରିବହନ ବିଭାଗ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା । ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଦ୍ୱାରା ଆଉ ଚାରୋଟି ହାଇୱେ କରିଡରକୁ ଇଂଟେଲିଜେଂଟ ଏନଫୋର୍ସମେଂଟ ମ୍ୟାନେଜମେଂଟ ସିଷ୍ଟମ୍ ରେ



ଯୋଡ଼ା ଯାଇଛି । ଏହି ହାଇୱେ ଗୁଡ଼ିକରେ ୧ ଅଗଷ୍ଟ ଅର୍ଥାତ ଆଜି ଠାରୁ ଇ-ଚାଲାନ୍ ଏନଫୋର୍ସମେଂଟ ଲାଗୁ ହେବ । ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା, ସଡ଼କ ସୁରକ୍ଷା ଉଲ୍ଲଂଘନକୁ ରୋକିବା ଏବଂ ଟେକ୍ନୋଲଜି ଆଧାରିତ ଏନଫୋର୍ସମେଂଟ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ନୂତନ ଭାବରେ ଯୋଡ଼ା ଯାଇଥିବା ହାଇୱେ କରିଡରଗୁଡ଼ିକ ହେଉଛି, ମଙ୍ଗୁଳି – ସମ୍ବଲପୁର, ସମ୍ବଲପୁର – ରାଉରକେଲା, ବ୍ରହ୍ମପୁର – ତପ୍ତପାଣି ଏବଂ ବ୍ରହ୍ମପୁର – ଭଞ୍ଜନଗର । ଏହି ସିଷ୍ଟମ ସ୍ୱୟଂଚାଳିତ ଭାବରେ ଟ୍ରାଫିକ୍ ଉଲ୍ଲଂଘନଗୁଡ଼ିକୁ ଚିହ୍ନଟ କରିବ । ଯେମିତିକି ନିର୍ଦ୍ଧାରିତ ଗତି ସୀମା ଠାରୁ ଅଧିକ ଗତିରେ ଗାଡ଼ି ଚଲାଇବା, ମଟରସାଇକେଲରେ ଦୁଇ ଜଣରୁ ଅଧିକ ଯାତ୍ରା କରିବା, ବାଇକରେ ଦୁଇଜଣ ଯାତ୍ରା କଲେ ଉଭୟ ହେଲମେଟ ପିନ୍ଧିନଥିଲେ, ରଙ୍ଗ ରୁଟ୍ ରେ ଗାଡ଼ି ଚଳାଇଲେ ଚାଲାଣ କଟିବ । ଆଇଇଏମଏସ ମାଧ୍ୟମରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ଇ-ଚାଲାନକୁ ଫଟୋଗ୍ରାଫିକ୍ ପ୍ରମାଣ ସହିତ ଗାଡ଼ି ପଞ୍ଜିକରଣ ନମ୍ବର, ଉଲ୍ଲଂଘନର ତାରିଖ ଏବଂ ସମୟ, ସ୍ଥାନ, ନିର୍ଦ୍ଧାରିତ ଗତି ସୀମା ଏବଂ ଅପରାଧର ପ୍ରକୃତିର ବିବରଣୀ ସହିତ ସମର୍ଥନ କରାଯିବ, ଯାହା କାର୍ଯ୍ୟକାରୀତାରେ ସ୍ୱଚ୍ଛତା ଏବଂ ସଠିକତା ସୁନିଶ୍ଚିତ କରିବ ।

# ଆଇଟିଇପି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ

**ଭୁବନେଶ୍ୱର,୫।୮ (ମହାଭାରତ):** ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଶନିବାର ଠାରୁ ଆରମ୍ଭ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱ ବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟ ସର୍ବମୋଟ ୧୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆଜି ଆରମ୍ଭ ହୋଇଛି।

ଶନିବାର ଅନୁଷ୍ଠିତ ହୋଇଥିବା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମକୁ ଆରମ୍ଭ କରାଯାଇଛି। ପୂର୍ବରୁ ସ୍ନାତକ ପରେ ୨ ବର୍ଷ ଅର୍ଥାତ୍ ବି. ଏଡ଼ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ୫ ବର୍ଷ ସମୟ ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମ ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ +୨ ପରେ ସିଧାସଳଖ ଏହି ପାଠ୍ୟକ୍ରମରେ ନାମ ଲେଖାଇ ନିଜର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମକୁ ୪ ବର୍ଷ ମଧ୍ୟରେ ସମାପ୍ତ କରିପାରିବେ। ଏନସିଇଟି ପ୍ରବେଶିକା ପରୀକ୍ଷା (ନ୍ୟାସନାଲ କମନ ଏଂଟ୍ରାନ୍ସ ଟେଷ୍ଟ) ମାଧ୍ୟମରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମର ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି ।ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମରେ ଛାତ୍ରଛାତ୍ରୀମାନେ ଦୁଇଟି ମେଜର ବିଷୟ ସହ ମାଇନର ବିଷୟ ବାଛି ପାରିବେ। ଏଥିସହ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମର ପାଠ୍ୟକ୍ରମକୁ ମଲ୍ଟି ଡିସିପ୍ଲିନାରୀ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି ।ଆମ ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ ।ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଆମ ଶୈକ୍ଷିକ ସମାଜର ନେତୃତ୍ୱ ନେବେ। ସମସ୍ତ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି ବୋଲି, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ବନ୍ୟାଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା

**ଭୁବନେଶ୍ୱର,୫।୮ (ମହାଭାରତ):** ରାଜ୍ୟର ବିଭିନ୍ନ ଅଂଚଳରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଗ୍ରାମାଂଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ, ପାଇପ୍ ଜଳଯୋଗାଣ (ପିଡବ୍ଲୁଏସ୍ ) ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ୱାଭାବିକ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନରେ ବିକଳ୍ପ ପାନୀୟ ଜଳ ଯୋଗାଣ ପାଇଁ କ୍ଷେତ୍ରସ୍ତରୀୟ ଟିମ୍ ଗୁଡ଼ିକୁ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ରିପୋର୍ଟ ହୋଇଥିବା ମୋଟ ୧୩,୬୬୨ଟି ନଳକୂପ ମଧ୍ୟରୁ ୬,୪୯୧ଟି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୨,୭୧୦ଟି ନଳକୂପକୁ ଇତିମଧ୍ୟରେ ବିଶୋଧନ କାର୍ଯ୍ୟ ସରିଛି। ସେହିପରି ମୋଟ ୬୪୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୫୭ଟି ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୧୦୧ଟି ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରଭାବିତ ଅଂଚଳରେ ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଭିତିରେ ଜାରି ରଖାଯାଇଛି। ଗ୍ରାମୀଣ ପାନୀୟ ଜଳ ଭିତିଭୂମି ଉପରେ ଅଧିକ ପ୍ରଭାବ ପଡ଼ିଥିବା ଭଦ୍ରକ,



ବାଲେଶ୍ୱର ଓ ଯାଜପୁର ଜିଲ୍ଲା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଭଦ୍ରକ ଜିଲ୍ଲାରେ ୩,୪୧୧ଟି ନଳକୂପ ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରୁ ୧,୩୧୧ଟିକୁ ବିଶୋଧନ କରାଯାଇଛି। ବାଲେଶ୍ୱରରେ ୨,୧୯୧ଟି ନଳକୂପ ପ୍ରଭାବିତ ହୋଇଛି ଏବଂ ୫୪୫ଟିର ବିଶୋଧନ କାର୍ଯ୍ୟ ସରିଛି। ଏଥିସହିତ ଏଠାରେ ୭୫ଟି ପ୍ରଭାବିତ ପିଡବ୍ଲୁଏସ୍ ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କରାଯାଇଛି। ଯାଜପୁର ଜିଲ୍ଲାରେ ୫୧୧ଟି ନଳକୂପ ପ୍ରଭାବିତ ହୋଇଥିବାବେଳେ ୧୨୨ଟିକୁ ବିଶୋଧନ କରାସରିଛି। ବନ୍ୟାଜଳ ହ୍ରାସ ପାଇବା ସହ ଜଳମଗ୍ନ ଥିବା ପାନୀୟ ଜଳ ଉତ୍ସଗୁଡ଼ିକ ପହଞ୍ଚଯୋଗ୍ୟ ହେଉଛି ଏବଂ କ୍ଷେତ୍ରସ୍ତରୀୟ ଟିମ୍ ଗୁଡ଼ିକ ତୁରନ୍ତ ସେଗୁଡ଼ିକର ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପୁନରୁଦ୍ଧାର ଅବଧିରେ ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଏକାଧିକ ବିକଳ୍ପ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ୪୭ଟି ଡିଜି ସେଟ୍ ନିୟୋଜିତ କରାଯାଇଥିବାବେଳେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ୧୦ଟି ମୋବାଇଲ୍ ଓ୍ୱାଟର ଟ୍ରିଟମେଂଟ ୟୁନିଟ୍ ନିୟୋଜିତ ହୋଇଛି। ଏହାବ୍ୟତୀତ ୩୭ଟି ପାଣି ଟ୍ୟାଙ୍କର ଏବଂ ସିନଥେଟିକ୍ ଟ୍ୟାଙ୍କ ସଂଯୁକ୍ତ ଅତିରିକ୍ତ ୩୫ଟି ଯାନ/ଟ୍ରାକ୍ଟର ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଛି। ଏପର୍ଯ୍ୟନ୍ତ ୧,୯୨,୨୩୫ଟି ପାନୀୟ ଜଳ ବୋତଲ/ପାଉଚ୍ ବଂଟନ କରାଯାଇଛି। ଆବଶ୍ୟକତା ଅନୁଯାୟୀ ତୁରନ୍ତ ଯୋଗାଣ ପାଇଁ ଆଉ ୪,୬୫,୦୦୦ଟି ପାଣି ବୋତଲ ମହଜୁଦ ରହିଛି। ପାନୀୟ ଜଳ ଉତ୍ସର ବିଶୋଧନ ଓ ଆନୁଷଙ୍ଗିକ ପରିମଳ ବ୍ୟବସ୍ଥା ପାଇଁ ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବିଶୋଧକ ମହଜୁଦ କରାଯାଇଛି। ବର୍ତମାନ ୪,୪୨୦ ବସ୍ତା ବ୍ଲିଚିଂ ପାଉଡର୍ ଉପଲବ୍ଧ ରହିଛି। ମୌସୁମୀ ଓ ବନ୍ୟା ପରିସ୍ଥିତି ସମୟରେ ତଦାରଖ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ବିଭାଗ ପକ୍ଷରୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଞ୍ଜିନିୟର-ଇନ୍-ଚିଫ୍, ଆରଡବ୍ଲୁଏସଏସ୍ ଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି।

# ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୫।୮ (ମହାଭାରତ):** ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି । ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ । ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସୀପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି । ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ । ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ



ପାଖରେ ନିଜକୁ ଆତ୍ମସମର୍ପଣ କରିଛନ୍ତି ଓଡ଼ିଶା ସରକାର । ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ । ତେବେ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ପ୍ରଦାନ କରିଥିଲେ । କିନ୍ତୁ କେଉଁ ଆଧାରରେ ଦିଲ୍ଲୀରେ ଆଲୋଚନା ହେଲା, ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାଇବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ । ଛତିଶଗଡ ସରକାରଙ୍କ ମନମାନି ଯୋଗୁଁ ହୀରାକୁଦ ଜଳଭଣ୍ଡାର ସୁରକ୍ଷା ପାଇଁ ରୁଲକର୍ଭ ନୀତିର ଅନୁପାଳନ ହୋଇପାରୁ ନାହିଁ । ଛତିଶଗଡର ପଛୁଆ ପାଣି ହୀରାକୁଦକୁ ବିପଦ ସୃଷ୍ଟି କରିବା ସହ ଓଡ଼ିଶାରେ ବନ୍ୟା ସ୍ଥିତି ସଙ୍ଗୀନ ହେଉଛି । ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ । ମହାନଦୀ ଜଳ ବିବାଦର ସମାଧାନ ନେଇ ଦିଲ୍ଲୀରେ ରାଜ୍ୟ ସରକାର କ'ଣ ଆଲୋଚନା କରିଲେ ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ। ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଖରାଦିନେ ମହାନଦୀ ଶୁଖିଲା ପଡ଼ିଥିବା ବେଳେ ରାଜ୍ୟ ସରକାର ଆଲୋଚନା କରିଲେ ନାହିଁ । ବର୍ଷା ସମୟରେ ଆଲୋଚନା କରିଲେ କାହିଁକି ? ଛତିଶଗଡ ପାଖରେ ୨୪ ଲକ୍ଷ ମିଲିୟନ ଏକର ଫୁଟ ପାଣି ଥିବାବେଳେ ୧୦ ଲକ୍ଷ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ତତ୍କାଳୀନ ଓଡିଶା ସରକାରଙ୍କ ପକ୍ଷରୁ କୁହାଯାଇଥିଲା । କିନ୍ତୁ ଛତିଶଗଡ ମହାନଦୀ ଜଳର ୨୭ ଲକ୍ଷ ମିଲିୟନ ଏକର ଫୁଟ ଜଳ ଆବଶ୍ୟକ କରୁଥିବାରୁ ଜଳ ବିବାଦ ମୁଣ୍ଡ ଟେକିଥିଲା । ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ଓ କୃଷି କାର୍ଯ୍ୟ ପାଇଁ ଓଡିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣିର ଆବଶ୍ୟକତା ଥିବାବେଳେ ଛତିଶଗଡ ନିଜର ମନମାନି କରି ତାହା ଦେଉନାହିଁ ।

# ବନ୍ୟା ପ୍ରଭାବିତ ଅଂଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ

**ଭୁବନେଶ୍ୱର,୫।୮ (ମହାଭାରତ):** ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ଅନୁଧ୍ୟାନ ଅନୁଯାୟୀ, ରାଜ୍ୟର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର ସ୍ଥିତିର ମୂଲ୍ୟାଙ୍କନ କରାଯାଇଛି । ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଅଧ୍ୟକ୍ଷତାରେ ସମସ୍ତ ଡିସକମ୍ ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଛି ।

ଏହି ବୈଠକରେ ଡିସକମ୍ ଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟର ପ୍ରଗତି ବିଷୟରେ ଜଣାଇବା ସହ ନିଶ୍ଚିତ କରିଛନ୍ତି ଯେ, ବନ୍ୟା ଜଳ ହ୍ରାସ ପାଇବା ସହିତ ରାଜ୍ୟସାରା ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୯୩% ଙ୍କୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇସାରିଛି । ଅଧିକାଂଶ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟ ଅତି ଦ୍ରୁତ ଗତିରେ ଚାଲିଥିବା ବେଳେ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଭଳି ଜିଲ୍ଲାର ତଳିଆ ଓ ଅତ୍ୟଧିକ ଜଳମଗ୍ନ ପକେଟ୍ ଗୁଡ଼ିକରେ ଜଳସ୍ତର ନକମିବା ଏବଂ ଯାତାୟାତ ପାଇଁ ସୀମିତ ସୁବିଧା ହେତୁ ସାମାନ୍ୟ ବିଳମ୍ବ ଘଟୁଛି । ବିଦ୍ୟୁତ କର୍ମକର୍ତାମାନେ ଉଲ୍ଲେଖ କରିଛନ୍ତି ଯେ ସାମଗ୍ରିକ ବିଦ୍ୟୁତ୍ ଭିତିଭୂମିର କୌଣସି ବଡ଼ ଧରଣର ଗଠନମୂଳକ କ୍ଷତି ହୋଇନାହିଁ । ଅଚଳ କିମ୍ବା ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନୀୟ ସ୍ଥିତି ଅନୁଯାୟୀ ଯଥାଶୀଘ୍ର ବଦଳାଯାଉଛି ।

ଜନଜୀବନ ସୁରକ୍ଷାକୁ ପ୍ରାଥମିକତା ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ କଡାକଡି ଅନୁପାଳନ କରି, ଶକ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିସକମ୍ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି; ଏହା ସହିତ ସାଧାରଣ ଜନତା ଏବଂ ଫିଲ୍ଡ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ କହିଛନ୍ତି । ଜଳମଗ୍ନ ଲାଇନ୍ କିମ୍ବା ସଂସ୍ଥାପନଗୁଡ଼ିକୁ ଚାଲୁ କରିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ଯାଂଚ କରିବା, ଦୁର୍ଗମ ଅଂଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ସହ ନିବିଡ଼ ସମନ୍ୱୟ ରକ୍ଷା କରିବା, ଏବଂ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟର ସ୍ଥିତି ଏବଂ ଆଶାଯୋଗ୍ୟ ସମୟ ସୀମା ବିଷୟରେ ଜନସାଧାରଣଙ୍କୁ ରିଅଲ-ଟାଇମ୍ ଅପଡେଟ୍ ଦେବା ପାଇଁ ଡିସକମ୍ ଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

# ଫିସକୋଫେଡର ପ୍ରଥମ ମହିଳା ଉପାଧକ୍ଷା ଜୟଶ୍ରୀ ଗଡ଼ନାୟକ

**ଭୁବନେଶ୍ୱର,୫।୮ (ମହାଭାରତ):** 'ଫିସକୋଫେଡ୍'ର ପ୍ରଥମ ମହିଳା ଉପାଧକ୍ଷା ଭାବେ ଶ୍ରୀମତୀ ଜୟଶ୍ରୀ ଗଡ଼ନାୟକ ନିର୍ବାଚିତ ହୋଇଛନ୍ତି । ଦେଶର ସର୍ବୋଚ୍ଚ ମତ୍ସ୍ୟଜୀବୀ ସମବାୟ ସଂଘର ପ୍ରଥମ ମହିଳା ଭାବେ ଉପାଧକ୍ଷ ପଦ ଅଳଙ୍କୃତ କରି ଭାରତର ସମବାୟ ଆନ୍ଦୋଳନରେ ସେ ଇତିହାସ ସୃଷ୍ଟି କରିଛନ୍ତି ।ସମବାୟ କ୍ଷେତ୍ରରେ ମହିଳା ନେତୃତ୍ୱ ପାଇଁ ଏକ ମାଇଲଖୁଂଟ। ମଲ୍ଟି-ଷ୍ଟେଟ୍ କୋଅପରେଟିଭ୍ ସୋସାଇଟିଜ୍ ଆକ୍ଟ ୨୦୦୨ ଅନୁଯାୟୀ ନୂଆଦିଲ୍ଲୀ ସରିତା ବିହାରସ୍ଥିତ 'ଫିସକୋଫେଡ୍' ପଞ୍ଜୀକୃତ ମୁଖ୍ୟାଳୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ପ୍ରକ୍ରିୟାକୁ ରିଟର୍ଣ୍ଣିଂ ଅଫିସର ଡ. ଶ୍ରବଣ ବାଗାରିଆ ପରିଚାଳନା କରିଥିବା ବେଳେ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ମୋଟ ୧୧ଟି ଭୋଟ ମଧ୍ୟରୁ ୯ଟି ଭୋଟ ପାଇ ଶ୍ରୀମତୀ ଗଡ଼ନାୟକ ନିର୍ବାଚନ ଜିତିଥିଲେ।

ନିର୍ବାଚନ ଜିତିବା ପରେ ଶ୍ରୀମତୀ ଗଡ଼ନାୟକ ନିଜ ପ୍ରତିକ୍ରିୟାରେ; ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅନୁଷ୍ଠାନିକ ଋଣ, ବୀମା ସୁବିଧା ଓ ଡିଜିଟାଲ ବ୍ୟାଙ୍କିଂ ସେବାର ସୁଲଭତା ବୃଦ୍ଧି; ଜାତୀୟ ମତ୍ସ୍ୟ ଓ ସମବାୟ ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚାଇବା ଓ ତୃଣମୂଳ ସ୍ତରରେ ଫଳପ୍ରଦ କାର୍ଯ୍ୟକାରିତା ସୁନିଶ୍ଚିତ କରିବା; ଏବଂ ସମବାୟ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କର ଅଧିକ ସହଭାଗିତା ଓ ନେତୃତ୍ୱକୁ ପ୍ରୋତ୍ସାହନ କରିବା ପାଇଁ ନିଷ୍ଠାପର ଉଦ୍ୟମ କରିବେ ବୋଲି କହିଛନ୍ତି । ଦେଶବ୍ୟାପୀ ମତ୍ସ୍ୟଜୀବୀ ସମବାୟ ସଂସ୍ଥାଗୁଡ଼ିକର ବିକାଶ ଏବଂ ପାରମ୍ପରିକ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସଶକ୍ତିକରଣକୁ ନୂତନ ଗତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିବେ ବୋଲି ସେ କହିଛନ୍ତି। ଫାଇନାନ୍ସରେ ଏମବିଏ ଡିଗ୍ରୀଧାରୀ ଶ୍ରୀମତୀ ଗଡ଼ନାୟକଙ୍କର ସମବାୟ ଶାସନ, ଆର୍ଥିକ ପରିଚାଳନା ଓ ଅନୁଷ୍ଠାନିକ ପ୍ରଶାସନ କ୍ଷେତ୍ରରେ ଦୁଇ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ପ୍ରାଥମିକ ସମବାୟ ସମିତିଠାରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରର ସମବାୟ ଅନୁଷ୍ଠାନ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ସେ ନେତୃତ୍ୱ ପ୍ରଦାନ କରିଆସିଛନ୍ତି । ନିର୍ବାଚନ ଜିତିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ମହାନଦୀ ପ୍ରସଙ୍ଗରେ ବିଜେଡି ଶସ୍ତା ରାଜନୀତି କରୁଛି

**ଭୁବନେଶ୍ୱର,୫।୮ (ମହାଭାରତ):** ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ଥିବା କାରଣରୁ ଏହାର ପାଣିକୁ ରାଜ୍ୟସରକାର ସଦୁପଯୋଗ କରିପାରୁନାହାନ୍ତି । ମାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସ କାରଣରୁ କେନ୍ଦ୍ରର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ, ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସହ ଛତିଶଗଡ଼ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବୈଷୟିକ ଅଧିକାରୀ ଉପସ୍ଥିତ ରହି ଏହି ବିବାଦ ସମାଧାନ ଆଡକୁ ଆଗେଇ ନେଉଛନ୍ତି । ଉଭୟ ରାଜ୍ୟ ସରକାରଙ୍କ ବୈଠକ ପରେ ଆସନ୍ତା ଦିପାବଳୀ ସୁଦ୍ଧା ଆପୋସ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଛନ୍ତି । ଏନେଇ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଏକ ବୈଷୟିକ କମିଟି ଗଠନ କରିଛି । ମହାନଦୀର ଯେଉଁ ଜଳ ଉପରେ ଓଡ଼ିଶାର ଅଧିକାର ଅଛି, ସେଥିରୁ ଯେପରି ରାଜ୍ୟ ବଂଚିତ ନ ହେବ ସେନେଇ ଭାରତୀୟ ଜନତା ପାର୍ଟିର ସରକାର ପ୍ରୟାସ ଜାରି ରଖିଛନ୍ତି । ମାତ୍ର ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଯେଉଁ ସବୁ ଅବାନ୍ତର ପ୍ରଶ୍ନ ଉଠାଯାଇଛି, ସେଥିରୁ ସେମାନଙ୍କ ନୈରାଶ ଭାବ ସ୍ପଷ୍ଟ ହୋଇଛି । କେବଳ ମିଡିଆରେ ରହିବା ପାଇଁ ବୋଧହୁଏ ବିଜେଡି ଏପ୍ରକାର ପ୍ରଶ୍ନ କରିଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ପ୍ରେସ୍ ବାର୍ତାରେ କହିଛନ୍ତି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜେଡିର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ



ଅନ୍ୟାନ୍ୟ ବିଜେଡି ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ସେମାନେ ଭୁଲିଯିବା ଯିବା ଉଚିତ ନୁହେଁ ଯେ, ମହାନଦୀ ଜଳବିବାଦ ବେଳେ ଶ୍ରୀ ମିଶ୍ର ବିଧାୟକ ରହିବା ସହ ନବୀନ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ମଧ୍ୟ ଥିଲେ । ବାସ୍ତବରେ ମହାନଦୀ ଜଳ ବିବାଦର ସ୍ରଷ୍ଟା ହେଉଛି ବିଜେଡି । ଛତିଶଗଡ଼ ପକ୍ଷରୁ ଯେତେ ବ୍ୟାରେଜ ତିଆରି ହୋଇଛି ସେସବୁ ବିଜେଡି ସରକାର ସମୟରେ ହୋଇଛି । ମାତ୍ର ସେତେବେଳେ ଦିନେ ହେଲେ ତତ୍କାଳୀନ ବିଜେଡି ସରକାର ଅବା ତାଙ୍କ ମନ୍ତ୍ରୀ ଓ ବିଧାୟକମାନେ ପ୍ରଶ୍ନ ଉଠାଇ ନ ଥିଲେ । ବିଜେଡି ସରକାରଙ୍କ ଅଯୋଗ୍ୟତା କାରଣରୁ ଛତିଶଗଡ଼ ସରକାର ସେତେବେଳେ ମହାନଦୀରେ ଅନେକ ବ୍ୟାରେଜ ତିଆରି କରିଦେଇଥିଲା । ନବୀନ ପଟ୍ଟନାୟକ ଜଳସମ୍ପଦ ବିଭାଗ ନିଜ ଅଧିନରେ ରଖିଥିଲେ । ମାତ୍ର ସେତେବେଳେ ସେ ମହାନଦୀରେ ଅବା କୌଣସି ଶାଖା ନଦୀରେ ଗୋଟିଏ ବି ବ୍ୟାରେଜ ନିର୍ମାଣ କରି ନଥିଲେ । ମହାନଦୀର ଜଳ ସଂରକ୍ଷଣ କରି ଓଡ଼ିଶାବାସୀଙ୍କ କାମରେ ଲଗାଇବା ପାଇଁ ଗୋଟିଏ ବି ଛୋଟ, ମଧ୍ୟମ ଅବା ବଡ଼ ପ୍ରକଳ୍ପ ସେତେବେଳେ କରାଯାଇ ନ ଥିଲା । ଖାଲି ସେତିକି ନୁହେଁ, ମହାନଦୀ ଜଳ ବିବାଦ ସମାଧାନ ନ କରି ଟ୍ରିବ୍ୟୁନାଲକୁ ଦେଇ ଦେବାରୁ ସବୁ କାମ ବନ୍ଦ ହୋଇଯାଇଥିଲା । ଏପରିକି ଟ୍ରିବ୍ୟୁନାଲକୁ ମହାନଦୀ ପ୍ରସଙ୍ଗରେ ବିଜେଡି କୌଣସି ତଥ୍ୟ ମଧ୍ୟ ଦେଇ ନଥିଲା । ଏବେ କେଉଁ ଅଧିକାରରେ ବିଜେଡି ପ୍ରଶ୍ନ ପଚାରୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମହାନଦୀ ପ୍ରସଙ୍ଗରେ ବିଜେଡିର ଶସ୍ତା ରାଜନୀତିର ଅନ୍ତ କେବେ ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି ।

# ନିର୍ଦ୍ଦୋଷ ଦଣ୍ଡ ନପାଉ

ଆମ ସମ୍ବିଧାନ, ଆଇନର ମୁଖ୍ୟ ଆଧାର ହେଲା ହଜାରେ ଦୋଷୀ ପଛେ ଖସି ଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ଭାରତରେ ଜଣେ ଅଭିଯୁକ୍ତ ଯେ ପର୍ଯ୍ୟନ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇଛି ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯିବ। ଆଇନ ବ୍ୟବସ୍ଥାରେ ଥିବା ଏହି ଦୁର୍ବଳତା ବା ଗଳାବାଟର ସୁଯୋଗ ନେଇ ଅନେକ ଜଘନ୍ୟ ଅପରାଧୀ ଖସି ଯାଉଛନ୍ତି। କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ସେମାନେ ସବୁ ପ୍ରକାର ପ୍ରୟାସ କୀରୁଛନ୍ତି। ଅନେକ ସମୟରେ ନ୍ୟାୟିକ ପ୍ରକ୍ରିୟା ଏତେ ବିଳମ୍ବ ହେଉଛି ଯେ, ଏଥିରେ ନ୍ୟାୟର ମାନେ ଆଉ କିଛି ରହୁ ନାହିଁ। ଆଉ ଅନେକ ନିଜ ବୁଦ୍ଧିରେ କୋର୍ଟକୁ ବାଟବଣା କରିବାରେ ମଧ୍ୟ ସଫଳ ହେଉଛନ୍ତି। ନିକଟରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶଓ୍ୱନ୍ତ ବର୍ମା ଠିକ ଏହି ବାଟରେ ନିଜକୁ ରକ୍ଷା କରିବାର ଉପାୟ ବାଛି ନେଇଛନ୍ତି। ନିଜ ବୁଦ୍ଧି ବଳରେ ସେ ଆଇନକୁ ନିଜ ଇଚ୍ଛାରେ ପରିଚାଳିତ କରିବା ସହ ସୁପ୍ରିମକୋର୍ଟଙ୍କ ମଧ୍ୟ ବିଭ୍ରାନ୍ତ କରିଛନ୍ତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ସେଥିପାଇଁ ଅନେକ କହନ୍ତି ଭାରତରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି, ଏହା ବିଶ୍ୱର ସବୁଠାରୁ ଦୁର୍ବଳ ବିଚାର ବ୍ୟବସ୍ଥା। ଗତ ବର୍ଷ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ପୁଳା ପୁଳା ଅଧାପୋଡ଼ା ଟଙ୍କା ମିଳିଲା। ଏହା ସମ୍ପୂର୍ଣ୍ଣ ଭାବେ ହିସାବ ବହିର୍ଭୂତ ସମ୍ପତ୍ତି ଥିଲା। ଅଧାପୋଡ଼ା ଟଙ୍କା ଯେ କଳା ଟଙ୍କା ଥିଲା, ସେଥିରେ ସନ୍ଦେହ ନାହିଁ। ଏହି ପରିସ୍ଥିତିରେ ଜଷ୍ଟିସ ବର୍ମାଙ୍କୁ ଗିରଫ କରାଯିବା ପରିବର୍ତ୍ତେ ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଗଲା। ଏହା ଥିଲା ଚୋରକୁ ପୁରସ୍କାର ଭଳି। ଆଜିକୁ ବର୍ଷେ ହେବ ସେ ବିନା କାମରେ ଦରମା ନେଉଥିଲେ। ତାଙ୍କ ବିରୋଧରେ ତଦନ୍ତ କମିଟି ଗଠନ କରାଗଲା। ତଦନ୍ତ କମିଟି ଆଗରେ ଯେଉଁଦିନ ଜଷ୍ଟିସ ବର୍ମା ହାଜର ହେବା କଥା, ଠିକ ତା ପୂର୍ବଦିନ ସେ ତାଙ୍କ ପଦରୁ ଇସ୍ତଫା ଦେଲେ। ଏହା ଫଳରେ ତାଙ୍କ ବିରୋଧରେ ସଂସଦରେ ଆଗତ ମହାଭିଯୋଗ ଉପରେ ଆଲୋଚନା ହୋଇପାରିବନି। ତାଙ୍କୁ ସମସ୍ତ ପ୍ରକାର ଅବସରକାଳୀନ ସୁବିଧା ସୁଯୋଗ ମିଳିବ। ବାସ୍ତବରେ ଜଷ୍ଟିସ ବର୍ମାଙ୍କ ଇସ୍ତଫା ଗ୍ରହଣ ନକରି ତାଙ୍କୁ ଚାକିରୀରୁ ସସପେଣ୍ଡ କରିବାର ଥିଲା। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ଘରୁ ଯଦି ଏତେ ପରିମାଣର ହିସାବ ବହିର୍ଭୂତ ଟଙ୍କା ମିଳିଥାଆନ୍ତା ତେବେ କ'ଣ ତାଙ୍କୁ ଏପରି ଆରାମରେ ଜୀବନ କାଟିବାକୁ, ବିନା କାମରେ ଦରମା ନେବାକୁ ସୁଯୋଗ ଭ ମିଳିଥାଆନ୍ତା ? କେବେ ନୁହେଁ। ତେଣୁ ଭାରତରେ ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କହିବା ଭୁଲ। ଏହା ଏକ ଅବାସ୍ତବ ପରିକଳ୍ପନା ମାତ୍ର। ଏଠାରେ ସରକାରଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବର୍ଷେ ହେଲାଣି ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଉପରେ କାହିଁକି ଚର୍ଚ୍ଚା ହେଲା ନାହିଁ ? ଏହାର ଜବାବ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେବା ଉଚିତ। ଜଷ୍ଟିସ ବର୍ମାଙ୍କ ବିରୋଧରେ ହେଯଉଁ ଗୁରୁତର ଅଭିଯୋଗ ରହିଛି ତାହାର ବିଚାର ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ। ତାଙ୍କ ଦୁର୍ନୀତି ଦ୍ୱାରା ଅନେକ ନିର୍ଦ୍ଦୋଷ ଦଣ୍ଡ ପାଇଥାଇପାରନ୍ତି, ଅନେକ ଦୋଷୀ ଖସି ଯାଇଥାଇପାରନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ଜଘନ୍ୟ। ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ତାଙ୍କୁ ଜଣେ ଦେଶଦ୍ରୋହୀ ଭାବେ ବିଚାର କରାଯିବା ଉଚିତ। ଏଥିଲାଗି ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ କରାଯିବା ଉଚିତ। ଯିଏ ଯେତେ ଅଧିକ କ୍ଷମତାଶାଳି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେତେ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଏହାର ତ୍ୱରିତ ବିଚାର ହେବା ଉଚିତ। ବିଚାର ବିଭାଗ, ପୋଲିସ ଏବଂ ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଯଦି ଦୁର୍ନୀତି ଅଭିଯୋଗ ଆସୁଛି, ତେବେ ଏହାର କିପରି ତ୍ୱରିତ ବିଚାର ହୋଇପାରିବ ତାହାର ବ୍ୟବସ୍ଥା ହେବା ଉଚିତ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢ଼ୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ।*

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଡ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି।

୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତଓ୍ୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ଜୀବନ ଅଧ୍ୟୟନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ ଦେଶ ଭାରତବର୍ଷରେ ପାଞ୍ଚଲକ୍ଷ ଗାଁ ଅଛି। ସେଥିରେ ଲୋକମାନେ ସୁଖ ସୁବିଧାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅନେକ ପ୍ରକାର ଯୋଜନା କରୁଛନ୍ତି। କିନ୍ତୁ ସେ ସବୁ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ। କେବଳ ସରକାର ଯେ ଚେଷ୍ଟା କରି ଗାଁ ଲୋକଙ୍କୁ ଆରାମରେ ରଖିପାରିବେ ଏମିତି ଭାବିବା ଭୁଲ। ଏଥିପାଇଁ ଲୋକମାନଙ୍କର ସହଯୋଗ, ସାହାଯ୍ୟ ଏବଂ ସଦିଚ୍ଛା ଲୋଡ଼ା ହୁଏ। ଗୋଟିଏ ଫୁଲରେ କଣ ବଗିଚାଟିଏ ହୋଇପାରିବ ? ଜଣେ ଲୋକ କ'ଣ ଦ୍ରୁତ ବେଗରେ ଚାଲିଥିବା ଦୁନିଆଁକୁ ବଦଳାଇ ଦେଇପାରିବ ? ନାଇଁ, ଏହା ଅସମ୍ଭବ। ଆଜି ଆମ ଭାରତବର୍ଷରେ ୨୪.୬୪ କୋଟି ଟିକିପିଲା ଅଛନ୍ତି। ସେଥିମଧ୍ୟରୁ ୯.୩୬ କୋଟି ପିଲା ଭିକ୍ଷା କରି ବଞ୍ଚନ୍ତି। ତେଣୁ ସେମାନଙ୍କ ଭାଗ୍ୟ ବଦଳେଇବା ଆମର ଦାୟିତ୍ୱ।

ବଡ଼ ମଣିଛଷକୁ ବଦଳେଇବା ଆଉ ସମ୍ଭବ ନୁହେଁ। ଯେଉଁ ଗଛର ଡାଳ ବାଙ୍କି ଯାଇଛି ତାକୁ ଆଉ ସଳଖ କରିବା ସମ୍ଭବ ନୁହେଁ। କିନ୍ତୁ ଟିକି ଚାରା ଗଛଟିକୁ ଠିକ୍ ଭାବରେ ବଢ଼େଇ ହେବ। ତେଣୁ ଭାରତର ପ୍ରତ୍ୟେକ ବଡ଼ ମଣିଷ ଟିକି ଟିକି ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ କାମ କରିବା ଉଚିତ। ଧର୍ମ କରିବା ପାଇଁ ମଣିଷକୁ ଧନ ଦିଆଯାଇଛି; ଉପଭୋଗ ପାଇଁ ନୁହେଁ। ଆମ ପ୍ରତ୍ୟେକ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ବସାଇବା ପାଇଁ ଆଜି ଶପଥ ନେବା ଉଚିତ। ସାନ ସାନ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଯଥେଷ୍ଟ ଉପକୃତ ହେବେ। ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଭାରତବର୍ଷକୁ ଆଦର୍ଶ ଦେଶର ଆସନ ଦେବାକୁ ହେଲେ ଆମକୁ ସବୁଠୁ କମ୍ କାମନା ରଖି କାମ କରିବାକୁ ପଡ଼ିବ ଏବଂ କଠିନ ଶାରୀରିକ ପରିଶ୍ରମ କରିବାକୁ ହେବ। ଆଜି ଆମ ଦେଶରେ କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦଶା ରହିଛି ଜଣେ ହେଲେ ତାହା ଜାଣି ପାରୁନାହାନ୍ତି। ଅନ୍ନପୂର୍ଣ୍ଣାଙ୍କ ନାମ ଅନୁଯାୟୀ ନାମିତ ହୋଇଥିବା ଏହି ପବିତ୍ର ଦେଶ ଭାରତବର୍ଷରେ ଖାଦ୍ୟାଭାବ ରହିଛି ବୋଲି ଆମ ନେତାମାନେ କହି ବୁଲୁଛନ୍ତି, ଭାରତରେ କେବେ ହେଲେ ଖାଦ୍ୟ ଅଭାବ ହେବନାହିଁ। ଏହାକୁ ବହୁ ଆଧାତ୍ମିକ ନେତାଙ୍କ ଭବିଷ୍ୟତ ବାଣୀ।

ଜନସଂଖ୍ୟା ଦ୍ରୁତଭାବରେ ବଢୁଛି ବୋଲି ଅନୁଭବ କରି ଆମେମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯୋଜନା କରୁଛୁ। ଏହା କିନ୍ତୁ ଠିକ୍ ପଦ୍ଧତି ନୁହେଁ। ଲୋକସଂଖ୍ୟା ବଢୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତିପାଇଁ ଖାଦ୍ୟ ଆବଶ୍ୟକ। ଜନ୍ମରୁ ମଣିଷର ଗୋଟିଏ ମୁଖ ଏବଂ ଯୋଡ଼ିଏ ହାତ ରହିଛି। ଯଦି ଜଣେ ଦୁଇ ହାତରେ ପରିଶ୍ରମ କରେ ତାହେଲେ ଗୋଟିଏ ମୁହଁ ପାଇଁ ସେ କ'ଣ ଖାଦ୍ୟ ଯୋଗାଇ ପାରିବ ନାହିଁ ? ସେ ଖାଦ୍ୟ ଚାହେଁ ଅଥଚ ସେଥିପାଇଁ ଶ୍ରମ ବା ଯତ୍ନ କରିବାକୁ ଅପାରଗ। ଆମେ ଅଧିକରୁ ଅଧିକ ଅଳସୁଆ ହେଉଥିବାରୁ ତାହାହିଁ ଖାଦ୍ୟାଭାବର ମୁଖ୍ୟ କାରଣ ହେଉଛି। ଆମେ ଯଦି କଠୋର ପରିଶ୍ରମ କରୁ ଆମ ପାଇଁ ଖାଦ୍ୟ କେବେ ନିଅଣ୍ଟ ହେବନାହିଁ। ଆଜି ଆମେ ଛାତ୍ରଛାତ୍ରୀମାନଙ୍କୁ କର୍ମବୀର ହେବା ପାଇଁ ତାଲିମ ଦେବା। ସେମାନେ ଉତ୍ସର୍ଗୀକୃତ ଏବଂ ତ୍ୟାଗପୂତ ମନରେ କର୍ମସାଧନ କରିବେ। ସେମାନେ କର୍ମଯୋଜନା ଅଂଶଗ୍ରହଣ କରିବା ପାଇଁ ଯେପରି ଆଗଭର ହେବେ ସେଥିପାଇଁ ଆମେ ତାଙ୍କୁ ଉତ୍ସାହିତ କରିବା ଉଚିତ। ସେମାନଙ୍କୁ ସବୁ ପ୍ରକାର କାମ କରାଇବା ପାଇଁ ଆମେ ଉଦ୍ୟମ କରିବା ଉଚିତ। ତାହା ଆମ ଜୀବନର ଉଦ୍ଦେଶ୍ୟ ହୋଇପାରେ। ପ୍ରକୃତରେ ଜୀବନର ଉଦ୍ଦେଶ୍ୟ କ'ଣ ? ଖାଇବା, ପିଇବା, ଶୋଇବା ଏବଂ ମରିବା ଜୀବନ ନୁହେଁ। ଜୀବନ ଏକ ଆହ୍ୱାନ, ଏହାର ମୁକାବିଲା କର। ଜୀବନ ଏକ ସ୍ୱପ୍ନ, ଏହାକୁ ଉପଲବ୍ଧି କର। ଜୀବନ ଏକ ଖେଳ, ଏହାକୁ ଖେଳି ଶିଖ। ଜୀବନ ଏକ ପ୍ରେମ, ଏହାକୁ ଉପଭୋଗ କର। ଜୀବନ ହେଉଛି ଚେତନା। ଜୀବନର ଏହି ସବୁ ଦିଗକୁ ଆମେ ଜାଣି ରଖିବା ଉଚିତ। ଆମ ଭିତରେ ଆଧାତ୍ମିକତା ଏବଂ ଆତ୍ମାର ଯେଉଁ ଚିତ୍‌କଣା ରହିଛି ତାହାକୁ ଉପଯୁକ୍ତ ଭାବେ ବିକଶିତ କରିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ। 'ଜନ୍ତୁନାଂ ନରଜନ୍ମଂ ଦୁର୍ଲ୍ଲଂଭମ୍' ଯେତେ ପ୍ରାଣୀ ଜନ୍ମ ହୁଅନ୍ତି ସେମାନଙ୍କ ମଧ୍ୟରେ ମଣିଷ ଜନ୍ମ ପାଇବା ସବୁଠୁ ଭାଗ୍ୟର କଥା। ମଣିଷ ଜନ୍ମ ସବୁଠୁଁ ପୂଣ୍ୟ ଜନ୍ମ ହୋଇଥିବାରୁ ସମସ୍ତ ଜ୍ଞାନ ଓ ପ୍ରଜ୍ଞାନ ଲାଭ କରି ପଶୁ ପରି ବଞ୍ଚିବା ଅତି ଦୁଃଖର କଥା। ଆମେ ଯେତେବେଳେ ଏହି ପବିତ୍ର ମାନବ ପ୍ରକୃତିକୁ ସମାଜସେବା ଏବଂ ମାନବ ମଧ୍ୟରେ ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ନିୟୋଜିତ କରି ପାରିବା ସେତେବେଳେ ମାନବ ପ୍ରକୃତିର ଉଦ୍ଦେଶ୍ୟ ସାଧିତ ହେବ। ଆମେ କୂଅରେ ବେଙ୍ଗଟିଏ ପରି ବଞ୍ଚି ରହିବା ଉଚିତ ନୁହେଁ। ବରଂ ବିଶାଳ ଜଳାଶୟର ବେଙ୍ଗଟିଏ ପରି ବଞ୍ଚିବା। ମନୁଷ୍ୟ ପକ୍ଷେ ସଂକୀର୍ଣ୍ଣ ଭାବନା ଶୋଭନୀୟ ନୁହେଁ। ସ୍ୱାର୍ଥପରତାରୁ ହିଁ ଏପରି ଚିନ୍ତା ଜାତ ହୁଏ।

**ଅଲିଶା ବଜାର, କଟକ**
**ଦୂରଭାଷ : ୯୩୩୭୨୪୨୯୫୫**

## ବେଲପଡା ପୋଲିସ ଦ୍ୱାରା ୧୪ ଟି ମୋବାଇଲ୍ ଉଦ୍ଧାର, ମାଲିକଙ୍କୁ ହସ୍ତାନ୍ତର

ପାଟଣାଗଡ, ( ମହାଭାରତ ) : ବେଲପଡା ପୋଲିସ ପକ୍ଷରୁ ହଜିଯାଇଥିବା ଏବଂ ଚୋରି ହୋଇଥିବା ୧୪ଟି ମୋବାଇଲ୍ ଫୋନ୍ ସଫଳତାର ସହ ଉଦ୍ଧାର କରାଯାଇଛି। ପୋଲିସର ତଦନ୍ତ ଓ ପ୍ରୟାସ ଫଳରେ ବିଭିନ୍ନ ସ୍ଥାନରୁ ଏହି ମୋବାଇଲ୍‌ଗୁଡ଼ିକୁ ଠାବ କରାଯାଇଥିଲା। ପରବର୍ତ୍ତୀ ସମୟରେ ମୋବାଇଲ୍ ଗୁଡ଼ିକର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ସେମାନଙ୍କ ହାତରେ ଫେରାଇ ଦିଆଯାଇଛି। ନିଜ ହଜିଯାଇଥିବା ମୋବାଇଲ୍ ଫେରି ପାଇ ମାଲିକମାନେ ଖୁସି ପ୍ରକାଶ କରିବା ସହ ବେଲପଡା ପୋଲିସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟ ପୋଲିସର ଜନସେବା ଓ ଜନସାଧାରଣଙ୍କ ପ୍ରତି ଦାୟିତ୍ୱବୋଧର ଏକ ଉତ୍ତମ ଉଦାହରଣ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ପାଟଣାଗଡରେ ଓବିସି ସଂଗଠନର ସାମ୍ବାଦିକ ସମ୍ମିଳନୀ

ପାଟଣାଗଡ଼, (ମହାଭାରତ ) : ପାଟଣାଗଡ଼ଠାରେ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଓବିସି ସମାଜର ଅଧିକାର, ସଂରକ୍ଷଣ ଏବଂ ସାମାଜିକ-ଶିକ୍ଷାଗତ ଉନ୍ନତି ନେଇ ବିସ୍ତୃତ ଆଲୋଚନା କରା ଯାଇଥିଲା। ସଂଗଠନର କର୍ମକର୍ତ୍ତାମାନେ କହିଥିଲେ ଯେ, ରାଜ୍ୟରେ ଓବିସି ବର୍ଗର ଲୋକଙ୍କୁ ଜନସଂଖ୍ୟା ଅନୁପାତରେ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ମିଳିବା ସହ ସରକାରୀ ଚାକିରି, ଶିକ୍ଷା ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସେମାନଙ୍କ ହକ୍ ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହା ସହ ଓବିସି ଜାତିଗତ ଜନଗଣନା, ସଂରକ୍ଷଣର ସଠିକ୍ କାର୍ଯ୍ୟକାରିତା ଓ ସାମାଜିକ ନ୍ୟାୟ ପ୍ରଦାନ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ଓବିସି ସମାଜର ବିଭିନ୍ନ ଦାବି ପ୍ରତି ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଜୋରଦାର କରାଯିବ। ସମ୍ମିଳନୀରେ ସଂଗଠନର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ଅନଲାଇନ୍ କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ମାଲକାନଗିରିର ଜନଜାତି ଛାତ୍ରଛାତ୍ରୀ ହେବେ ସଶକ୍ତ, ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ



ମାଲକାନଗିରି, (ମହାଭାରତ) : ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କର ବୈଷୟିକ ବିକାଶ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ଏସଏସଡି ହାଇସ୍କୁଲ ସମେତ କେଏମଆରଏସ, ବାଲିମେଳା ଠାରେ ଆନୁଷ୍ଠାନିକ ଭାବେ ଅନଲାଇନ୍ କମ୍ପ୍ୟୁଟର କୋଚିଂ କ୍ଲାସ ଆରମ୍ଭ କରାଯାଇଛି । ଆଜି ପ୍ରଥମ ଦିନରେ ସରକାରୀ ଏସଏସଡି ଜିଏଚଏସ ଚିତ୍ରକୋଣ୍ଡା, ପି.ଏମ.ଶ୍ରୀ ସରକାରୀ ଏସଏସଡି ହାଇସ୍କୁଲ ପଣସପୁଟ ଏବଂ ଜିଜିଏଚଏସ ନନ୍ଦିନୀଗୁଡ଼ାର ଶତାଧିକ ଛାତ୍ରଛାତ୍ରୀ ଏହି ଅନଲାଇନ୍ କମ୍ପ୍ୟୁଟର କ୍ଲାସରେ ଉତ୍ସାହର ସହ ଯୋଗ ଦେଇଛନ୍ତି। ମହାରାଷ୍ଟ୍ରର ଆଇଟି ଇଞ୍ଜିନିୟର ଭାଗ୍ୟଶ୍ରୀ ଯାଦବ ମୁଖ୍ୟ ପ୍ରଶିକ୍ଷିକା ଭାବେ ଯୋଡ଼ି ହୋଇ ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ସ୍ୱତନ୍ତ୍ର କମ୍ପ୍ୟୁଟର କୋଚିଂ କ୍ଲାସ ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଦୁର୍ଗମ ଅଞ୍ଚଳରେ ରହୁଥିବା ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ କରିବା। ଏହି ଅନଲାଇନ୍ କ୍ଲାସର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ଉପସ୍ଥିତି ପ୍ରମାଣ କରୁଛି ଯେ ଜିଲ୍ଲା ପ୍ରଶାସନ ଏହି ଅଞ୍ଚଳର ପିଲାମାନଙ୍କ ଭବିଷ୍ୟତ ଗଠନ ପାଇଁ କେତେ ଆଗ୍ରହୀ। ଏହି ଅଭିନବ ଯୋଜନା ସମ୍ପର୍କରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ହେଉଛି ସମସ୍ତଙ୍କୁ ସମାନ ସୁଯୋଗ ଦେବାର ସବୁଠାରୁ ବଡ଼ ମାଧ୍ୟମ। ମାଲକାନଗିରିର ଦୁର୍ଗମ ଅଞ୍ଚଳରେ ରହୁଥିବା ଆମର ଜନଜାତି ଛାତ୍ରଛାତ୍ରୀମାନେ ଯେପରି ସହରର ପିଲାମାନଙ୍କ ଭଳି ସମାନ ଡିଜିଟାଲ୍ ସୁଯୋଗ ପାଇପାରିବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏହି କମ୍ପ୍ୟୁଟର ଶିକ୍ଷା କେବଳ ଏକ କ୍ଲାସ ନୁହେଁ, ବରଂ ଆମ ପିଲାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ବିଶ୍ୱ ସ୍ତରରେ ସେମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଏକ ବଡ଼ ମାଧ୍ୟମ। ଜିଲ୍ଲାର ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନର ଏହି ଉଦ୍ୟମକୁ ସ୍ଥାନୀୟ ଅଭିଭାବକ ଓ ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି।

## ଆଖିରେ କଳାପଟି, ତଥାପି ପଢ଼ିପାରୁଛନ୍ତି ବହି: ଚର୍ଚ୍ଚାରେ ଦଶପଲ୍ଲାର ୮ ବର୍ଷର କୁନି ଝିଅ ନିରୁମିତା




ଦଶପଲ୍ଲା, (ମହାଭାରତ): ଆଖି ବୁଜିଦେଲେ ସାଧାରଣ ମଣିଷ ପାଇଁ ଅନ୍ଧକାର ଛଡ଼ା କିଛି ଦିଶେନାହିଁ। ହେଲେ ଆଖିରେ ମୋଟା କଳାପଟି ବନ୍ଧା ହେବା ପରେ ବି ସବୁକିଛି ସ୍ପଷ୍ଟ ଦେଖିବା ସହ ଅନାୟାସରେ ପଢ଼ିପାରୁଛନ୍ତି ଜଣେ ୮ ବର୍ଷର ଶିଶୁ କନ୍ୟା। ଏଭଳି ଏକ ଅଲୌକିକ ଓ ବିସ୍ମୟକର ଦୃଶ୍ୟ ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ୍ ? ଅନ୍ତର୍ଗତ ନଛିପୁର ଗ୍ରାମରେ। ଗ୍ରାମର ନବଘନ ଖମାରୀ ଓ ମାତା ମମତା ଖମାରୀଙ୍କ ୮ ବର୍ଷର ଝିଅ ନିରୁମିତା ଖମାରୀ (ବେବି) ଦୁର୍ଗା ବଜାରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ପିତା ନବଘନ ଖମାରୀଙ୍କ କହିବା ଅନୁଯାୟୀ, ଗତ ୨୦ ରୁ ୨୫ ଦିନ ହେବ ନିରୁମିତାଙ୍କ ପାଖରେ ଏହି ଭିନ୍ନ ଧରଣର ସ୍ୱଭାବ ଓ ଅଲୌକିକ ସାମର୍ଥ୍ୟ ଦେଖିବାକୁ ମିଳିଛି। ପ୍ରଥମେ ପ୍ରଥମେ ପରିବାର ଲୋକେ ଏହାକୁ ସାଧାରଣ ଭାବିଥିଲେ ବି ପରବର୍ତ୍ତୀ ସମୟରେ ତାଙ୍କର ଏହି କାରନାମା ଦେଖି ବିସ୍ମିତ ହୋଇପଡ଼ିଛନ୍ତି। ଆଖିରେ କପଡ଼ାର କଳାପଟି ବାନ୍ଧି ଦିଆଯାଉଥିଲେ ବି ସେ ନିର୍ଭୁଲ ଭାବେ ବହି ଖୋଲି ଇଂରାଜୀ ସହିତ ଓଡ଼ିଆ ଅକ୍ଷର ପଢ଼ିପାରୁଛନ୍ତି ଏବଂ ଖାତାରେ ଲେଖିପାରୁଛନ୍ତି। ବହିରେ ଥିବା ଛବି ଓ ରଙ୍ଗକୁ ସଠିକ୍ ଭାବେ ଚିହ୍ନିବା ସହ ଟଙ୍କା ନୋଟ୍‌ର ନମ୍ବର ପଢ଼ି ଟଙ୍କା ଗଣି ଦେଉଛନ୍ତି। ଲୋକଙ୍କୁ ଚିହ୍ନିବା, ଲୁଡୋ ଓ କ୍ୟାରମ୍ ଖେଳିବା ଏବଂ ଖେଳନା ଗାଡ଼ି ଚଳାଇବା ଭଳି କାର୍ଯ୍ୟ ଅତ୍ୟନ୍ତ ଦକ୍ଷତାର ସହ କରୁଛନ୍ତି। କୁନି ଝିଅ ନିରୁମିତାଙ୍କର ଏହି ଭିନ୍ନ ପ୍ରତିଭା ତଥା ଆଧ୍ୟାତ୍ମିକ ଓ ମାନସିକ ଜାଗରଣକୁ ନେଇ ଏବେ ସମଗ୍ର ଅଞ୍ଚଳରେ ବେଶ୍ ଚର୍ଚ୍ଚା ଚାଲିଛି।

# ଶିକ୍ଷାମନ୍ତ୍ରୀଙ୍କ ଘରଠାରୁ ମାତ୍ର ୨:୩ କି.ମି. ଦୂରରେ ଥିବା ଛେପଡ଼ିପାରାରେ ଏବେ ବି ଅପହଞ୍ଚ ମୌଳିକ ସୁବିଧା



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁମୁଲି ପଞ୍ଚାୟତର ଭାଟିପାରା ର (ଛେପଡ଼ିପାରା) ଗାଁ ଆଜି ମଧ୍ୟ ବିକାଶର ମୂଳଧାରାରୁ ବହୁ ଦୂରରେ ରହିଛି। ବିଶେଷ କରି ଏହି ଗାଁଟି ରାଜ୍ୟର ଶିକ୍ଷାମନ୍ତ୍ରୀଙ୍କ ବାସଭବନଠାରୁ ମାତ୍ର ୨ରୁ ୩ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଏଠାରେ ସ୍ୱାଧୀନତାର ଦଶକ ପରେ ମଧ୍ୟ ମୌଳିକ ସୁବିଧା ପହଞ୍ଚିପାରିନାହିଁ। ଫଳରେ ଗ୍ରାମବାସୀ ଦୈନନ୍ଦିନ ଜୀବନରେ ଅନେକ କଷ୍ଟ ଓ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଗ୍ରାମରେ ପ୍ରାୟ ୧୦ରୁ ଅଧିକ ଆଦିବାସୀ ପରିବାର ଏବଂ ୩୦ରୁ ୪୦ ଜଣ ଲୋକ ବସବାସ କରୁଛନ୍ତି। ଗାଁଟି କୁମୁଲି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିଲୋମିଟର ଏବଂ ରାଇଘର ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୬ କିଲୋମିଟର ଦୂରରେ ଅବସ୍ଥିତ। ଏତେ ନିକଟରେ ଥିଲେ ମଧ୍ୟ ଗାଁରେ ପକ୍କା ରାସ୍ତା, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ, ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ସୁବିଧା ଭଳି ମୌଳିକ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। ଗ୍ରାମରେ ବିଦ୍ୟୁତ ସଂଯୋଗ ନଥିବାରୁ ସମସ୍ତ ପରିବାର ଅନ୍ଧାରରେ ଜୀବନ ବିତାଉଛନ୍ତି। ଆଧୁନିକ ଯୁଗରେ ମଧ୍ୟ ଛାତ୍ରଛାତ୍ରୀମାନେ ବିଦ୍ୟୁତ ଅଭାବରୁ ରାତିରେ ପାଠପଢ଼ା କରିବାରେ ବାଧା ସୃଷ୍ଟି ହେଉଛି। କିରୋସିନି ସହଜରେ ମିଳୁନଥିବାରୁ ସେମାନଙ୍କ ଅସୁବିଧା ଆହୁରି ବଢ଼ିଯାଉଛି।ଶିକ୍ଷା କ୍ଷେତ୍ରରେ ମଧ୍ୟ ଗ୍ରାମଟି ଅବହେଳିତ। ଗାଁରେ ପ୍ରଥମ କଥା ଅଙ୍ଗନବାଡି କେନ୍ଦ୍ର କିମ୍ବା ପ୍ରାଥମିକ ବିଦ୍ୟାଳୟ ନଥିବାରୁ କୁନିକୁନି ପିଲାମାନଙ୍କୁ ପ୍ରତିଦିନ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଅତିକ୍ରମ କରି ପଡ଼ୋଶୀ ଗାଁକୁ ପଢ଼ିବାକୁ ଯିବାକୁ ପଡୁଛି। ବର୍ଷା ଋତୁରେ ରାସ୍ତା ଦୂର ହୋଇଯାଉଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡୁଛି। ଏହାର ପ୍ରଭାବରେ ଅନେକ ଛାତ୍ରଛାତ୍ରୀ ନିୟମିତ ସ୍କୁଲ ଯାଇପାରୁନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି।ପାନୀୟ ଜଳ ସମସ୍ୟା ମଧ୍ୟ ଅତ୍ୟନ୍ତ ସଙ୍କଟଜନକ। ଗ୍ରାମରେ ନଳକୂଅ କିମ୍ବା ସୁରକ୍ଷିତ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଗ୍ରୀଷ୍ମ ଋତୁରେ ଗ୍ରାମବାସୀ ଝରଣାର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି। ଏହା ଯୋଗୁଁ ଜଳବାହିତ ରୋଗର ଆଶଙ୍କା ମଧ୍ୟ ବଢୁଛି ।ଗ୍ରାମର ରାଇମନ ଗଣ୍ଡ, ଚକ୍ରଧର ଗଣ୍ଡ, ରୋହିତ ଗଣ୍ଡ, ପିଲସାୟ ଗଣ୍ଡ, ଈଶ୍ୱର ଗଣ୍ଡ, ଅଙ୍ଗନନ୍ତି ଗଣ୍ଡ, ରାଧା ଗଣ୍ଡ, ମାୟାବତୀ ଗଣ୍ଡ, ବନ୍ଧୁ ରାଉତ ଓ ବଜନାଥ ପୂଜାରୀଙ୍କ ସହ ଅନ୍ୟାନ୍ୟ ଗ୍ରାମବାସୀ କହିଛନ୍ତି ଯେ ସେମାନେ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ସମସ୍ୟା ଉଠାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ।ଗ୍ରାମବାସୀଙ୍କ ଦାବି ହେଉଛି, ପ୍ରଶାସନ ତୁରନ୍ତ ଛେପଡ଼ିପାରା ଗାଁର ସର୍ବେକ୍ଷଣ କରି ରାସ୍ତା, ବିଦ୍ୟୁତ ବିଶୁଦ୍ଧ ପାନୀୟ ଜଳ ଅଙ୍ଗନବାଡି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯଥାଶୀଘ୍ର ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ, ଯାହା ଦ୍ୱାରା ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ।

## ମହିଳାଙ୍କ ଯୌନ ନିର୍ଯାତନା ପ୍ରତି ପ୍ରତିରୋଧ ପାଇଁ ପ୍ରଶିକ୍ଷଣ ଶିବିର

ଦେବଗଡ଼,(ମହାଭାରତ) : ଆଜି ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କ ଆବାହନ କ୍ରମେ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ଯୌନ ନିର୍ଯାତନା ପ୍ରତିରୋଧ ପାଇଁ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୃଜନ ସାରସ୍ୱତ,ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି,ଜ ?ିଲ୍ଲା ଶିଶୁ ସୁରକ୍ଷା ଅଧକାରୀ ରୋମିଓ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ କୁ କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନନିର୍ଯ୍ୟାତନା (ନିବାରଣ ନିଷେଧ ଓ ପ୍ରତିକାର ) ଆଇନ ୨୦୧୩ ଅନୁଯାୟୀ ବିଭିନ୍ନ କାର୍ଯ୍ୟାଳୟରେ ମହିଳା କର୍ମଚାରୀମାନେ କାର୍ଯ୍ୟ କରିଥାନ୍ତି ,କର୍ମକ୍ଷେତ୍ରରେ କେତେକ ମହିଳାଙ୍କ ପ୍ରତି ହଉଥିବା ଯୌନ ନିର୍ଯାତନାରେ ଶିକାର ହୋଇଥାନ୍ତି । ତାଙ୍କର ପ୍ରତିରୋଧ କରିବା ପାଇଁ ତଥା ସେମାନଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅଧିନିୟମ ପ୍ରତେକ ସ୍ତରରେ କଡାକଡି ଭାବେ ଲାଗୁ କରିବା ପାଇଁ ଓ ପ୍ରତେକ କାର୍ଯ୍ୟାଳୟରେ ୧୦ ରୁ ଅଧିକ କର୍ମଚାରୀ ଅଛନ୍ତି ସେହି ସ୍ତରରେ ଏକ ଅଭ୍ୟନ୍ତରୀୟ ଅଭିଯୋଗ କର୍ମ ତଥା ଜିଲ୍ଲାସ୍ତରରେ କମିଟି ଗଠନ ପାଇଁ ପରାମର୍ଶ ଦେଇଥିଲେ ।

# ବିଶ୍ୱବନ୍ୟପ୍ରାଣୀ ସପ୍ତାହ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା




ଅସ୍ତରଙ୍ଗ, (ମହାଭାରତ) : ପରିବେଶ କୁ ନେଇ ସଭ୍ୟତା ଆଉ ସଭ୍ୟତା କୁ ନେଇ ପରିବେଶ, ଯାହା ଆମେ ପଢ଼ିଛୁ ଆଉ ବୁଝିଛୁ, ଉଭୟ ଗୋଟେ ମୁଦ୍ରା ର ଦୁଇ ପାର୍ଶ୍ୱ ଭଳି ଆମ ଜୀବନ ଜୀବିକା ପାଇଁ ପରିପକ୍ୱ ଭଳି ନିୟନ୍ତ୍ରିନ୍ତ, ପ୍ରତ୍ୟେକବର୍ଷ ରାଜ୍ୟ ସରକାର ଙ୍କ ପରାମର୍ଶ ରେ ଆମ ରାଜ୍ୟ ରେ ବନ୍ୟପ୍ରାଣୀ ପ୍ରତି ସଚେତନତା ପାଇଁ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଅକ୍ଟୋବର ୨ ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ପାଳନ କରାଯାଏ, ଚଳିତ ବର୍ଷ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ହେବା ପୂର୍ବରୁ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ବନାଖଣ୍ଡ ଅଧୀନରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ 'ବସି ରହି ଚିତ୍ରାଙ୍କନ ' ପ୍ରତିଯୋଗିତା କରାଯାଇଛି,ଏହାକୁ ଦୁଇ ଗୋଟି ପର୍ଯ୍ୟାୟ ରେ ବିଭକ୍ତ କରାଯାଇଛି ଯଥା ସିନିୟର ଛାତ୍ରଛାତ୍ରୀ ଓ ? ଜୁନିଅର ଛାତ୍ରଛାତ୍ରୀ, ସିନିୟର ଛାତ୍ରଛାତ୍ରୀ ଙ୍କ ବିଷୟବସ୍ତୁ 'ପ୍ରକୃତି ଭିତରେ ମଣିଷ ' ଥିବା ବେଳେ ଜୁନିଅର ଛାତ୍ରଛାତ୍ରୀ ଙ୍କ ବିଷୟବସ୍ତୁ ରହିଥିଲା 'ପ୍ରକୃତି ପାଇଁ ମଣିଷ ', ଅସ୍ତରଙ୍ଗ ବନାଖଣ୍ଡ ଅଧୀନରେ ଚାରି ଗୋଟି ବିଦ୍ୟାଳୟ ରେ ଏହି ପ୍ରତିଯୋଗିତା ହୋଇଛି, ନାନପୁର ପ୍ରାଥମିକ ବିଦ୍ୟାଳୟ, ଗୋପିକାନ୍ତପୁର ହାଇସ୍କୁଲ, ବେଳାଭୂମି ହାଇସ୍କୁଲ, ସୁନ୍ଦର ସ୍ଥିତ ସୁରେନ୍ଦ୍ରନାଥ ସରକାରୀ ହାଇସ୍କୁଲ, ଅନେକ ଛାତ୍ରଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ, କୃତି ଛାତ୍ରଛାତ୍ରୀ ମାନେ ଆଗକୁ ଆସୁଥିବା ୨୦୨୬ ୭୨ତମ ବିଶ୍ୱ ବନ୍ୟପ୍ରାଣୀ ଦିବସ ରେ ପୁରସ୍କୃତ ହେବେ, ଯାହାକୁ ନେଇ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି ।

## ଖଟିଆରେ ବୁହାହେଲେ ଅସୁସ୍ଥ ମହିଳା, ପହଞ୍ଚିପାରିଲାନି ୧୦୮ ଆମ୍ବୁଲାନ୍ସ

ଦଶପଲ୍ଲା, (ମହାଭାରତ): ସ୍ୱାଧୀନତାର ୮୦ ବର୍ଷ ବିତିବାକୁ ବସିଲାଣି ହେଲେ ରାଜ୍ୟର ଅନେକ ଗ୍ରାମାଞ୍ଚଳରେ ଆଜି ବି ମୌଳିକ ସୁବିଧା ପହଞ୍ଚିପାରି ନାହିଁ। ଏହାର ଏକ ହୃଦୟବିଦାରକ ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଟାକରା ପଞ୍ଚାୟତର ବାଙ୍କତଇଲା ଗାଁରେ। ରାସ୍ତା ନଥିବାରୁ ଜଣେ ଅସୁସ୍ଥ ମହିଳାଙ୍କୁ ଗ୍ରାମବାସୀ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ବାଧ୍ୟ ହୋଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କତଇଲା ଗାଁର ରବୀନ୍ଦ୍ର ଭୋଇଙ୍କ ସ୍ତ୍ରୀ ସୁଷମା



ଭୋଇ ଅଚାନକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନଥିବାରୁ ଆମ୍ବୁଲାନ୍ସ ଗାଁ ମଧ୍ୟକୁ ପ୍ରବେଶ କରିପାରିନଥିଲା। ଶେଷରେ ନିରୁପାୟ ହୋଇ ଗ୍ରାମବାସୀ ସୁଷମାଙ୍କୁ ଏକ ଖଟିଆରେ ଶୁଆଇ ପ୍ରାୟ ୨ କିଲୋମିଟରରୁ ଅଧିକ ବାଟ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟସେବା ପରି ମୌଳିକ ଅଧିକାରରୁ ବଞ୍ଚିତ ହୋଇ ବାଙ୍କତଇଲା ଗ୍ରାମବାସୀ ଦୈନନ୍ଦିନ ଜୀବନ ସହ ସଂଘର୍ଷ କରୁଛନ୍ତି। ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଅଧିକାରୀମାନେ କେବଳ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ନେଇ ବାହାବାହା ନେବାରେ ବ୍ୟସ୍ତ ରହୁଥିବା ବେଳେ ଗାଁର ବାସ୍ତବ ସମସ୍ୟା ପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ପ୍ରଶାସନ କେବେ ଏହି ଗାଁକୁ ପକ୍କା ରାସ୍ତା ସଂଯୋଗ କରିବ ଏବଂ ଲୋକଙ୍କୁ ଏହି ଦୁର୍ଦ୍ଦଶାରୁ ମୁକ୍ତି ମିଳିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଧୁମାଭଟା ଗ୍ରାମ ପଞ୍ଚାୟତର ବିଭିନ୍ନ ରାସ୍ତା କ୍ଷତିଗ୍ରସ୍ତ, ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

ପାଟଣାଗଡ, (ମହାଭାରତ) : ଲଗାଣ ବର୍ଷା ପ୍ରଭାବରେ ବେଲପଡା ବ୍ଲକ ଅନ୍ତର୍ଗତ ଧୁମାଭଟା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମୀଣ ରାସ୍ତା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇ ପଡ଼ିଛି। ରାସ୍ତାର ବ୍ରିଜ ଭାଙ୍ଗିଯିବା ଯାହା ଫଳରେ ଅଞ୍ଚଳବାସୀଙ୍କ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁସାରେ, ଅଏଁଲାପାଲିରୁ ଖଲଖଲି ଓ ଡ୍ରେବିପାଲିକୁ ସଂଯୋଗ କରୁଥିବା ରାସ୍ତାର ବ୍ରିଜ ବର୍ଷାଜଳରେ ଭାଙ୍ଗି ଯାଇଥିବା ବେଳେ, ଧୁମାଭଟାରୁ ରାଏଖାଲକୁ ଯିବା ରାସ୍ତାର ବ୍ରିଜ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଡାହିମାଳରୁ ନାଙ୍ଗଫେଣ୍ଡ୍ରାକୁ ଯିବା ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଏହି ରାସ୍ତାଗୁଡ଼ିକ ଦେଇ ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରୁଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ଚାଷୀ ଓ ସାଧାରଣ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ସେବା ଏବଂ ଗ୍ରାମଗୁଡ଼ିକ ମଧ୍ୟରେ ସଂଯୋଗ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏନେଇ ଅଞ୍ଚଳବାସୀ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କ୍ଷତିଗ୍ରସ୍ତ ବ୍ରିଜ ଓ ରାସ୍ତାଗୁଡ଼ିକର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

## ଅଗଷ୍ଟ ୧୮ରେ ଅହୋରାତ୍ର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଜୋରଦାର

କପ୍ତିପଦା, (ମହାଭାରତ) : ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି କପ୍ତିପଦା ଆନୁକୂଲ୍ୟରେ ୬ ଦଫା ଦାବି ନେଇ ଏକ ଧାରଣା ଓ ପ୍ରତିବାଦ ସଭା କପ୍ତିପଦା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ବ୍ଲକ ଓଷ୍ଟାର ବ୍ଲକ ସଭାପତି କୁନ୍ତଳା ମହାନ୍ତଙ୍କ ଅଧ୍ୟକ୍ଷତକ୍ଷରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ସମନ୍ୱୟ ସମିତିର ଆବାହକ ତଥା କପ୍ତିପଦା ଓଷ୍ଟାର ବ୍ଲକ ସମ୍ପାଦକ ନାରାୟଣ ବେହେରା ଆନ୍ଦୋଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରି ସରକାରଙ୍କର ଶିକ୍ଷା ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା ପ୍ରାକ୍ତନ ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ ଯୋଗଦେଇ ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ଗୁଡିକୁ ଆଲୋକପାତ କରି ଗଭୀର ଉଦବେଗ ପ୍ରକାଶ କରିଥିଲେ।

# ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଗଜପତି, (ମହାଭାରତ) : ଚଳିତ ବର୍ଷର ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହେବ। ଚଳିତ ବର୍ଷର ସ୍ୱାଧୀନତା ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ ଘଟିକା ସମୟରେ ପାରଳାଖେମୁଣ୍ଡି ସହରରେ ରାମଧୂନ ପରିବେଷଣ କରାଯିବ ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯିବ। ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ଘ.୭.୦୦ ଘ.ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ସେହିପରି ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼େର ଅଂଶ ଗ୍ରହଣ କରିପାରିବେ । ଏଥି ସକାଶେ ଅଗଷ୍ଟ ୧୧,୧୨, ଓ ୧୩ ତାରିଖ ଦିନ ପ୍ୟାରେଡ଼ ଅଭ୍ୟାସ ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ଉକ୍ତ ଦିନ ସକଳ ୯.୧୫ ମିନଟ ସମୟରେ ଗଜପତି ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପ୍ୟାରେଡ଼େର ଅଭିବାଦନ ଗ୍ରହଣ କରିବେ ଓ ଅଭିଭାଷଣ ପ୍ରଦାନ କରିବେ। ସେହିପରି ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ସିଲ୍‌ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍‌ଡ ପ୍ରଦାନ କରାଯିବ । ଜିଲ୍ଲାର ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଓ ଚଳିତ ଦଶମ ଶ୍ରେଣୀରେ ଇ୧ ରଖିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯିବ । ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବିରଞ୍ଚି ବାଗ,ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ମାଧବାନନ୍ଦ ନାୟକ, ଆର ଆଇ ଅଫ ପୋଲିସ ଶ୍ରୀ ଅଭିରାମ ଖୁଣ୍ଟିଆ,ଏସ.ଆଇ ଶ୍ରୀ ଖୁସିରାମ ଭଇ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୁରୁ ରଘୁନାଥ ପାତ୍ର, ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ଶ୍ରୀ ବିନୋଦ ଚନ୍ଦ୍ର ଜେନାଙ୍କ ସମେତ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ସମସ୍ତ ଗଣ ମାଧ୍ୟମର ପ୍ରତିନିଧିଗଣ, ବ୍ୟାଙ୍କ ଶାଖା ପରିଚାଳକ,ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ପୋଲିସର ବଡ଼ ସଫଳତା
## ୨୫୧ କେଜି ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ



ରା-ଉଦୟଗିରି (ମହାଭାରତ):
ଗଜପତି ଜିଲ୍ଲାର ରା-ଉଦୟଗିରି ପୋଲିସକୁ ମିଳିଛି ବଡ଼ ସଫଳତା । ବିଶେଷ ସୂଚନା ଆଧାରରେ ପୋଲିସ ଟାବରସାହି ଗ୍ରାମ ନିକଟ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରି ୨୫୧ କିଲୋଗ୍ରାମ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ, ୪ ଅଗଷ୍ଟ ସକାଳ ପ୍ରାୟ ୯ଟା ୩୦ ମିନିଟ ସମୟରେ, ଆର୍.ଉଦୟଗିରି ଥାନାର ଉପ-ନିରୀକ୍ଷକ ଲକ୍ଷ୍ମଣ ବେଶ୍ରା ଓ ପୋଲିସ ଟିମ୍ ଉଦୟଗିରି ଥାନା ଅନ୍ତର୍ଗତ ସମ୍ବଲପୁର, କିରାମା, ନିଧିଗୁଡ଼ି ଏବଂ ଟାବରସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଟାବରସାହି ଗ୍ରାମ ପଛ ଜଙ୍ଗଲରେ ବହୁ ପରିମାଣର ଗଞ୍ଜେଇ ମହଜୁଦ ରଖାଯାଇଥିବା ସମ୍ପର୍କରେ ଗୁପ୍ତ ସୂଚନା ପାଇଥିଲେ । ଏହାପରେ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦେଖିଥିଲେ ଯେ ଦୁଇ ଜଣ ବ୍ୟକ୍ତି ଜେରି ବ୍ୟାଗରେ ଗଞ୍ଜେଇ ପ୍ୟାକିଂ କରୁଛନ୍ତି । ପୋଲିସକୁ ଦେଖି ସେମାନେ ପଳାଇବାକୁ ଉଦ୍ୟମ କରିଥିଲେ । ପୋଲିସ ସେମାନଙ୍କୁ ଗୋଡେଇ ଗୋଡେଇ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଅବିନତ ରାଇକା (୪୪) ଏବଂ ଯକ୍ଷ୍ୟ ଗମାଙ୍ଗ (୫୫) । ଉଭୟେ ଗଜପତି ଜିଲ୍ଲା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଟାବରସାହି ଗ୍ରାମର ବାସିନ୍ଦା। ଅଭିଯୁକ୍ତମାନଙ୍କ ନିକଟରୁ ୮ଟି ଜେରି ବ୍ୟାଗରେ ପ୍ୟାକ୍ ହୋଇଥିବା ୨୫୧.୨ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଆର୍.ଉଦୟଗିରି ଥାନା କେସ୍ ନଂ-୧୪୩/୨୦୨୬, ତାରିଖ ୦୪.୦୮.୨୦୨୬, ଏନ ଡି ପି ଏସ ୧୯୮୫ ର ଧାରା ୨୦(ଭ)(ସସ)(ଉ) ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି ସମ୍ପର୍କିତ ଅଦାଲତରେ ହାଜର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଉମରକୋଟରେ ଗଣଶିକ୍ଷା ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଉମରକୋଟ(ମହାଭାରତ):**ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକଟ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ତଥା ୱାର୍ଡନଂ ୧୩ ଡଙ୍ଗରିଗୁଡା ଅଡିଟରିୟମ ନିକଟରେ ଏକ ଆମ୍ଫିଥିଏଟର, ୱାର୍ଡନଂ ୧୦ ମେଡିକାଲ ଛକ ଠାରେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ରୋଡ ନାମରେ ଏକ ସାଇନ୍ ବୋର୍ଡ, ଆଗାମି ଦିନ ସେଠାରେ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ, ୱାର୍ଡନଂ ୮ ଡଙ୍ଗରି ସାହି ଠାରେ ଗୋବଂଶର ସୁରକ୍ଷା ନିମନ୍ତେ ଗୋଟିଏ ଗୋଶାଳା, ୱାର୍ଡନଂ ୩ ଜଗନ୍ନାଥ ମନ୍ଦିର ମାର୍ଗରେ କାଂଜିଁ ହାଉସ ଏଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ପୌର ପରିଷଦ ଅଦ୍ଧକ୍ଷା ରାଧା ଭତ୍ରା,ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଆଲୋକ କୁମାର ଅନୁଗୁଳିଆ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ବରିଷ୍ଠ ଆଇନଜୀବି ରାମ କୃଷ୍ଣ ନାୟକ, ମିଲୁ ପଣ୍ଡା, ଟିଙ୍କୁ ଭାଇ, ସାନ ଭାଇ, ସୁଦେବ ନନ୍ଦି, ଅମିତ ହାଲଦାର, ପପୁ ଭାଇ, ରାମ ଗଣ୍ଡ, ଅଭିରାମ ଦାସ, ତ୍ରିଭୁବନ ସାହୁ, ମିନତି ଭଉଣି, ଅର୍ଚନା ଭଉଣି, ଗୌରୀ ଦିଦି ପ୍ରମୁଖ କର୍ଯ୍ୟକର୍ତ୍ତାଙ୍କ ସହ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ନିଆଳୀ ବିନିସପୁରରେ ବିଜେପି ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ

**ନିଆଳୀ,(ମହାଭାରତ):**କଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ ବିନିସପୁରଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ୬୦୦ରୁ ଅଧିକ କର୍ମୀ ଯୋଗଦେଇ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଜନକଲ୍ୟାଣକାରୀ ଯୋଜନା ଗୁଡିକ କିପରି ଗାଁ ଗାଁରେ ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ । ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମାଧବ ମଣ୍ଡଳ ସଭାପତି, ମାଧବ ମଣ୍ଡଳାର ଓବିସି ମୋର୍ଚ୍ଚାର ସଭାପତି, ମାଧବ ମଣ୍ଡଳ ସମସ୍ତ ସରପଞ୍ଚଙ୍କ ସମେତ ଜିଲ୍ଲା ସ୍ତରୀୟ ବିଜେପିର ବିଭିନ୍ନ ସ୍ତରର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ରହି ସଂଗଠନର ବିସ୍ତାର, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଏବଂ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ଆଲୋଚନା କରିବା ସହିତ କର୍ମୀମାନଙ୍କୁ ଜନସାଧାରଣଙ୍କ ସହ ନିରନ୍ତର ସମ୍ପର୍କ ରଖି ଦଳର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ କରିଥିଲେ ।

## ବେକରେ ଓଢଣୀ ଦେଇ ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅର ଆତ୍ମହତ୍ୟା

**ନବରଙ୍ଗପୁର ଝରିଗାଁ(ମହାଭାରତ):**ଝରୀଗାଁ ବେକରେ ଓଢଣୀ ଦେଇ ଜଣେ ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅ ର ଆତ୍ମହତ୍ୟା ଘଟଣା କୁ ନେଇଁ ପରିବାର ଏବଂ ଗାଁ ରେ ଶୋକର ଛାୟା ଖେଳେଇଦେଇଛି । ମୃତ ନାବାଳିକା ଜଣକ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚଚ୍ଚ ପଞ୍ଚାୟତ ଅନ୍ତର୍ଗତ ଗବାଗୁଡା ଗ୍ରାମର ସୁନ୍ଦର ସିଂ ମେହେରଙ୍କ ସାନ ଝିଅ ଗିରିଜା ମେହେର (୧୫)ବୋଲି ଜଣାପଡିଛି ସୂଚନା ପ୍ରକାରେ, ଗିରିଜା ମେହେର ଚଚ୍ଚ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲା ହେଲେ ଅସୁସ୍ଥତା ଯୋଗୁଁ ଅନେକ ଦିନ ଧରି ବିଦ୍ୟାଳୟ ରେ ଅନୁପସ୍ଥିତ ଥିବା ଜଣାପଡିଛି । ସେ ଗତକାଲି ପରିବାର ସହିତ ନିଜ ଧନଜମି କୁ କାମ କରିବା ଲାଗି ଯାଇ ସନ୍ଧ୍ୟାରେ ପରିବାର ସହିତ ଘରକୁ ଫେରିଥିଲା ରାତି ନିଜେ ରୋଷେଇ ବାସ ସାରି ସମସ୍ତଙ୍କୁ ଖାଇବାକୁ ଦେଇଥିଲା ଏବଂ ନିଜେ ଖିଆପିଆ ସାରି ଆସନ୍ତାକାଲି ପରୀକ୍ଷା ଥିବା କହି ରାତି ବସି ପାଠ ପଢିବା କଥା ମଧ୍ୟ ତାଙ୍କ ପିତା କହିଛନ୍ତି ।

### କାଦୁଅ ରାସ୍ତାରେ ନୟାନ୍ତ ଗ୍ରାମବାସୀ
## ପକ୍କା ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ଆକୁଳ ନିବେଦନ

**ଲକ୍ଷ୍ମୀପୁର,(ମହାଭାରତ):**
ବର୍ଷା ଋତୁ ଆସିଲେ ଗ୍ରାମବାସୀଙ୍କ ପାଇଁ ରାସ୍ତା ଯାତାୟାତ ଏକ ବଡ଼ ସମସ୍ୟା ପାଲଟିଯାଉଛି ବୋଲି ଅଭିଯୋଗ କରିଛନ୍ତି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ଥାନା ଅଧୀନ ମୌଲାକୋନା ଗ୍ରାମ ବାସୀ । ଏହି ଗ୍ରାମରେ ପ୍ରାୟ ୬୦ ପରିବାର ବସବାସ କରନ୍ତି,ଗ୍ରାମରୁ ଦଶମନ୍ତପୁର ବ୍ଲକ କୁ ସଂଯୋଗ କରୁଥିବା ରାସ୍ତା ବର୍ଷା ପାଣିରେ ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇଥିବାରୁ ପ୍ରତିଦିନ ଶହ ଶହ ଲୋକ ନାହିଁନଥିବା ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ରାସ୍ତାଟି ଏତେ ଖରାପ ଅବସ୍ଥାରେ ରହିଛି ଯେ, ସାମାନ୍ୟ ବର୍ଷା ହେଲେ ଏହା ପୋଚ ପୋଚ କାଦୁଅରେ ପରିଣତ ହୋଇଯାଉଛି । ଫଳରେ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା, ରୋଗୀ ଓ ଦୈନନ୍ଦିନ କାମରେ ଯାଉଥିବା ସାଧାରଣ ଲୋକ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ଅନେକ ସମୟରେ ଲୋକେ କାଦୁଅରେ ଖସି ଆହତ ହେଉଥିବା ଅଭିଯୋଗ ମଧ୍ୟ ରହିଛି ।ଗ୍ରାମବାସୀଙ୍କ ତଥା ଏହି ଗ୍ରାମର ଯୁବଭାଇ ମାନେ କହିବାନୁସାରେ, ଦୀର୍ଘ ବର୍ଷ ଧରି ଏହି ରାସ୍ତାର ସ୍ଥାୟୀ ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏପର୍ଯ୍ୟନ୍ତ ସେମାନେ ବିଭିନ୍ନ ଅସୁବିଧା ସ୍ତ୍ୱ ନୀରବ ରହିଥିଲେ, କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ ହୋଇପଡ଼ିଥିବାରୁ ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଗଣମାଧ୍ୟମର ଦ୍ୱାରସ୍ଥ



ହୋଇଛନ୍ତି । ଗ୍ରାମବାସୀଙ୍କ ଦାବି, ଉକ୍ତ ରାସ୍ତାକୁ ଶୀଘ୍ର ପାକା କଂକ୍ରିଟ କିମ୍ବା ପିଚୁ ରାସ୍ତାରେ ପରିଣତ କରାଯାଉ, ଯାହାଦ୍ୱାରା ବର୍ଷାଦିନରେ ଯାତାୟାତ ସମସ୍ୟା ଦୂର ହେବ ଏବଂ ଲୋକମାନେ ସୁରକ୍ଷିତ ଭାବେ ଚଳାଚଳ କରିପାରିବେ । ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେମାନେ ସରକାର ଓ ସମ୍ପୃକ୍ତ ବିଭାଗକୁ ଆକୁଳ ନିବେଦନ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା, ଗ୍ରାମବାସୀଙ୍କ ଏହି ଦୀର୍ଘଦିନର ଦାବି ପ୍ରତି ପ୍ରଶାସନ କେତେ ଶୀଘ୍ର ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ

**ଆଳି(ମହାଭାରତ):**କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଧୋୟାଞ୍ଚଳର ଦଶ ପଞ୍ଚାୟତରେ ଚଳିତ ବର୍ଷ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି କରିଛି ।କ୍ଷୟକ୍ଷତି ଆକଳନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗସ୍ତ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଆଳି ବ୍ଲକରେ ପହଂଚି ସଂସିଧା ଓ ପେତପଡା ପଞ୍ଚାୟତକୁ ଯାଇଥିଲେ । ସଂସିଧା ପଞ୍ଚାୟତରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ ।ସେହିପରି ନଦୀ କୂଳରେ ଥିବା ଠାକୁରପାଟଣା ଗ୍ରାମରେ ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ ପହଞ୍ଚି ବନ୍ୟାସ୍ଥିତି ଉପରେ ସମୀକ୍ଷା କରିଥିଲେ । ସଂସିଧା -ପେତପଡା ରାସ୍ତାକୁ ଉଚ୍ଚ କରିବା ନିମନ୍ତେ ପେତପଡା ପଞ୍ଚାୟତ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି ବନ୍ୟା ଆସିବା ମାତ୍ରେ ବନ୍ୟା ଜଳରେ ବୁଡି ଯାଉଥିବା ମାନପୁର ଘୋଷରା ରାସ୍ତା ମଧ୍ୟ ପରିଦର୍ଶନ କରିଥିଲେ



। ଉପ ମୁଖ୍ୟମନ୍ତ୍ରୀଙ୍କ ସହ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ,ଆଳି ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ସଭାପତି ଶଶାଙ୍କ ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ,ତହସିଲଦାର ସୁମନ ଘୋଷଙ୍କ ସହ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଆଳି ଭୂଇଁପୁର ଛକ, ସଂସିଧା ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

## ବନ ବିଭାଗର ଚଢ଼ାଉ: ୩ ଶିକାରୀ ଗିରଫ

ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ବନବିଭାଗ ଅନ୍ତର୍ଗତ ଦଶପଲ୍ଲା-ଚଢ଼େୟାପଲ୍ଲୀ ରାସ୍ତାରେ ବନ ବିଭାଗର ପେଟ୍ରୋଲିଂ ସମୟରେ ୩ ଜଣ ଶିକାରୀ ରାସ୍ତାରେ ଭାର ସାହାଯ୍ୟରେ ଏକ ଜଙ୍ଗଲୀ ବାରା ବୋହି ନେଉଥିବା ବେଳେ ଧରାପଡ଼ିଛନ୍ତି । ବନ ବିଭାଗ ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୃତ ଜଙ୍ଗଲୀ ବାରାହା, ଗୋଟିଏ ଦେଶୀ ବନ୍ଧୁକ ଏବଂ ଟାଙ୍ଗିଆ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ବନ ବିଭାଗର ପେଟ୍ରୋଲିଂ ଟିମ୍ ଦଶପଲ୍ଲା-ଚଢ଼େୟାପଲ୍ଲୀ ରାସ୍ତାରେ ଯାଞ୍ଚ ଚଳାଇଥିବା ବେଳେ ଏହି ୩ ଜଣ ଶିକାରୀ ଜଙ୍ଗଲରୁ ଶିକାର କରି ଭାର ସାହାଯ୍ୟରେ ବାରାହାଟିକୁ ନେଉଥିଲେ । ସନ୍ଦେହଜନକ ଭାବେ ଗତିବିଧି କରୁଥିବା ଏହି ବ୍ୟକ୍ତିମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ହାତରୁ ଶିକାର ହୋଇଥିବା ବାରାହା ସହ ଶିକାର ପାଇଁ ବ୍ୟବହୃତ ଦେଶୀ ବନ୍ଧୁକ ଓ ଟାଙ୍ଗିଆ ମିଳିଥିଲା । ଏହାପରେ ବନ ବିଭାଗ ପକ୍ଷରୁ ସମସ୍ତ ସାମଗ୍ରୀ ଜବତ କରାଯିବା ସହ ତିନି ଶିକାରୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ବନବିଭାଗ ଅଧିକାରୀ ଶ୍ରୀନିବାସ ଦାସ ସୂଚନା ଦେଇଛନ୍ତି ।

## ଅଟୋ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଦଶପଲ୍ଲା,(ମହାଭାରତ):** ଅଟୋ ଧକ୍କାରେ ଜଣେ ଯୁବକଙ୍କର ଆକସ୍ମିକ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଶିମିଳିସାହି ପଞ୍ଚାୟତ ବରଡ଼ିହ ଗ୍ରାମର ନିରଞ୍ଜନ ଯାନୀ (୪୦) । ମିଳିଥିବା ସୂଚନା ଅନୁଯାୟୀ, ନିରଞ୍ଜନ ତେଣ୍ଡାବାଡିରୁ ନିଜ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଅନ୍ୟପଟେ, ଦୁର୍ଘଟଣା ଘଟାଇବା ପରେ ଅଟୋ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ଅଟୋଟିକୁ ଜବତ କରିଛନ୍ତି । ତେବେ ଶବ ବ୍ୟବଚ୍ଛେଦରେ ବହୁ ବିଳମ୍ବ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏହାକୁ ଭୃକ୍ଷେପ କରିନାହାନ୍ତି । ଏଥିସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ଚିଲିକାରୁ ୧୦୦ ଏକର ବେଆଇନ ଘେରି ଉଚ୍ଛେଦ

**କୃଷ୍ଣପ୍ରସାଦ (ମହାଭାରତ):**
ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ନିଳାମ୍ଭୁ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଚିଲିକାକୁ ଘେରି ମୁକ୍ତ କରି ସୁନ୍ଦର ପରିବେଶ ଗଠନ କରିବା ଉଦ୍ୟମ ଚାଲିଥିବା ବେଳେ ଏହା ଉପରେ ନିର୍ଭର କରି ଚାଲୁଥିବା ଅଞ୍ଚଳବାସୀ



ଆତଙ୍କିତ ହୋଇପଡିଛନ୍ତି । ଚିଲିକାରୁ ଜାଲ ବାଡ଼ ଉଚ୍ଛେଦ କରାଯାଉଛି । ବୁଧବାର ବଜ୍ରକୋଟ ରାଜସ୍ୱ ସର୍କଲ ଅଧିନ ତାଳତଳା ବାହାର ଚିଲିକା ଅଞ୍ଚଳରୁ ୧୦୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରି ରେ ବ୍ୟବହାର ହୋଇ ଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ସବଇନ୍ସପେକ୍ଟର ପ୍ରଫୁଲ କୁମାର ନାୟକଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ତହସିଲ ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ, ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ଚିଲିକା ନୂଆପଡା ରାଜସ୍ୱ ନିରୀକ୍ଷକ ମୋହନ କୁମାର ସ୍ୱାଇଁ ସମେତ ଚିଲିକା ଉଉୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

## ଗଣିଆରେ ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଗଣିଆ(ମହାଭାରତ):**ଗଣିଆ ବ୍ଲକ ସଭାଗୃହରେ ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମଚାରୀମାନେ ଉପସ୍ଥିତ ଥିଲେ । ଭୋର ୫ଟାରେ ପ୍ରତ୍ୟେକ ଗ୍ରାମରେ ରାମଧୁନ୍ ଗାନ କରାଯିବ, ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ସକାଳ ୭:୧୫ ମିନିଟ୍ରେ ପତାକା ଉତ୍ତୋଳନ ହେବ, ଗାନ୍ଧୀ ପୀଠରେ ସକାଳ ୭:୩୦ ମିନିଟ୍ରେ ଶ୍ରଦ୍ଧାଞ୍ଜଳି ଓ ପତାକା ଉତ୍ତୋଳନ କରାଯିବ ଓ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ସକାଳ ୮:୩୦ ମିନିଟ୍ରେ ସାଧାରଣ ପତାକା ଉତ୍ତୋଳନ କରାଯିବ ।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରଯାଇଥିଲା ।

## ୪ ଦଫା ଦାବିରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ




**ଆସିକା, (ମହାଭାରତ):**
ଓଡ଼ିଶା ସ୍କୁଲ କଲେଜ ସମନ୍ୱୟ କମିଟି, ଆସିକା ବ୍ଲକ୍ ଶାଖା ପକ୍ଷରୁ ୪ ଦଫା ଦାବିରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆସିକା ଏବିଡ଼ିଓ ସୁଶାନ୍ତ କୁମାର ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇଛି । ହିଞ୍ଜିଳିକାଟୁ ବ୍ଲକ୍ ସଂଘ ସଭାପତି ତାରା ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳ ଆସିକା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତଥାପି କୌଣସି ସୁଫଳ ମିଳିନାହିଁ । ପୂର୍ବ ସରକାର ବ୍ଲକ୍ ଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ୨୦୧୮ ମସିହାରେ ନୂତନ ଗ୍ରାଣ୍ଟ୍ ଇନ୍ ଏଡ୍ ନୀତି ପ୍ରଚଳନ କରିଥିଲେ । ସେହି ନୀତି ଅନୁସାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କ ସକାଶେ ସେବା, ସର୍ତ୍ତ ଓ ପେନସନ ବ୍ୟବସ୍ଥା ନାହିଁ । ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର କିଛି ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ମାନେ ପ୍ରତିବର୍ଷ ଅବସର ଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କୁ ପେନସନ କିମ୍ବା ଆର୍ଥିକ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଉନଥିବା ଅଭିଯୋଗ କରିଛନ୍ତି । ରାଜ୍ୟର ୧୯୪ଟି ଅଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ବିନା ପାରିଶ୍ରମିକରେ ଶିକ୍ଷାଦାନ କରି ଆସୁଛନ୍ତି । ଏପରିକି ସଂପୃକ୍ତ ବିଦ୍ୟାଳୟର ଶିକ୍ଷାର୍ଥୀ ମାନଙ୍କୁ ପୋଷାକ, ମଧ୍ୟାହ୍ନ ଭୋଜନ, ସାଇକେଲ, ପାଠ୍ୟପୁସ୍ତକ କିମ୍ବା କୌଣସି ସରକାରୀ ସୁବିଧା ସୁଯୋଗ ମିଳି ପାରୁନାହିଁ । ଏହି ପରିପ୍ରେକ୍ଷୀରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କୁ ଯଥାଶୀଘ୍ର ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୁରଣ, ଅବସର ବୟସ ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୭ଟି କଳ୍ପିତ ବେତନ ପ୍ରଦାନ ସହ ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରାଯାଇ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ୧୬ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋକର ପିଏମଜି ଠାରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ରାମକୃଷ୍ଣ ପଣ୍ଡା, ହିମାଂଶୁ ଶେଖର ମୁନି, ପ୍ରସନ୍ତ କୁମାର ପାଣିଗ୍ରାହୀ, ସୁଧାଂଶୁ ଶେଖର ଦାସ, ଯୋଗେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, ବିଭୁ ପ୍ରସାଦ ପଣ୍ଡା, ସୁଧାଂଶୁ ଶେଖର ପାଢି, ସୋମନାଥ ଦାସ, ବୁଲୁ ସେଠି, ଶଙ୍କର ବେହେରା, କୈଳାସ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଗୌଡ, ଭାସ୍କର ଚନ୍ଦ୍ର ସିଅ, ପ୍ରଫୁଲ ବେହେରାଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ।

## ୨୦ ମିନିଟରେ ୭ଟି ବିସ୍ଫୋରଣ, ଥରିଲା ଦୁବାଇ



ନୂଆଦିଲ୍ଲୀ: ୨୦ ମିନିଟରେ ୭ଟି ବିସ୍ଫୋରଣ। ଥରିଲା ଦୁବାଇ। ଦୁବାଇ ସ୍ଥିତ ଜେବେଲ ଅଲୀ ଶିଳ୍ପାଞ୍ଚଳରେ ୨୦ ମିନିଟ୍ ମଧ୍ୟରେ କ୍ରମାଗତ ୭ଟି ବିସ୍ଫୋରଣ ଘଟିଥିବା ଖବର ସାମ୍ନାକୁ ଆସିଛି। ଏହି ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଆକାଶରେ କଳା ଧୂଆଁର ବାଦଲ ଘୋଟି ରହିଥିବା ଦେଖିବାକୁ ମିଳୁଛି। ମାତ୍ର ୨୦ ମିନିଟ୍ ଭିତରେ ପାଖାପାଖି ୭ଟି ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା। ଘଇଝଇର ଥର୍ମାଲ୍ ଇମେଜ୍ ଅନୁଯାୟୀ, ବନ୍ଦର ନିକଟରେ ଇନ୍ଧନ ସଂରକ୍ଷଣ ଏବଂ ପରିବହନ ପାଇଁ ବ୍ୟବହୃତ ହେଉଥିବା ଏକ ୱେରହାଉସରେ ଭୟଙ୍କର ନିଆଁ ଲାଗିଯାଇଥିଲା। ଇରାକ ଗଣମାଧ୍ୟମର ଦାବି ଅନୁଯାୟୀ ଆମେରିକା-ଇରାନ ଏବଂ ୟେମେନର ହୁତି ବିଦ୍ରୋହୀଙ୍କ ମଧ୍ୟରେ ଚାଲିଥିବା ଉତ୍ତେଜନା କାରଣରୁ ଏହା ମିସାଇଲ୍ ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଏମିରେଟ୍ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିସ୍ଫୋରଣର ପ୍ରକୃତ କାରଣ ସମ୍ପର୍କରେ କୌଣସି ସ୍ପଷ୍ଟ ସରକାରୀ ସୂଚନା ଦିଆଯାଇ ନାହିଁ।

## ଅଡିଓ-ଭିଡିଓ କ୍ଲିପ୍ ବିନା କୋର୍ଟ ଖବର ପ୍ରକାଶ କରିପାରିବେ ଗଣମାଧ୍ୟମ

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟରେ ଶୁଣାଣି ଓ ରାୟ ପ୍ରକାଶ ସମ୍ପର୍କରେ ଗଣମାଧ୍ୟମ ଖବର ପ୍ରକାଶ କରିବା ଉପରେ କୌଣସି ପ୍ରତିବନ୍ଧକ ଲାଗୁ କରାଯାଇନାହିଁ। ତେବେ ଖବର ପ୍ରକାଶ ସମୟରେ କୋର୍ଟ ଶୁଣାଣିର ଅଡିଓ କିମ୍ବା ଭିଡିଓ କ୍ଲିପ୍ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। ଗତ ୨୪ ଜୁଲାଇରେ ଦିଆଯାଇଥିବା ଅନ୍ତରୀଣ ଆଦେଶକୁ ନେଇ ବିଭିନ୍ନ ମହଲରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପରେ ଶୀର୍ଷ ଅଦାଲତ ଏହି ସ୍ପଷ୍ଟୀକରଣ ଦେଇଛନ୍ତି।



ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଗଣମାଧ୍ୟମ ନ୍ୟାୟିକ ପ୍ରକ୍ରିୟା, ଆଇନଗତ ଘଟଣାକ୍ରମ ଓ ରାୟ ସମ୍ପର୍କରେ ପୂର୍ବଭଳି ଖବର ପ୍ରକାଶ କରିପାରିବ। କିନ୍ତୁ ଶୁଣାଣିର ଅଡିଓ କିମ୍ବା ଭିଡିଓ କ୍ଲିପ୍‌କୁ ଖବରର ଅଂଶ ଭାବେ ପ୍ରସାର କିମ୍ବା ପ୍ରକାଶ କରିବାକୁ ଅନୁମତି ମିଳିବ ନାହିଁ। ତେଣୁ ଏହି ଆଦେଶକୁ ଗଣମାଧ୍ୟମ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ବୋଲି ବ୍ୟାଖ୍ୟା କରାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

ଏହି ମାମଲାର ଶୁଣାଣି ସାମ୍ବାଦିକ ହର୍ଷିତା ଗ୍ରୋଭରଙ୍କ ଦ୍ୱାରା ଦାଖଲ ଜନସ୍ୱାର୍ଥ ମାମଲା ଉପରେ ଚାଲିଛି। ଆବେଦନରେ କୋର୍ଟର ସିଧା ପ୍ରସାରିତ ଶୁଣାଣିର ଭିଡିଓକୁ କାଟଛାଟ କରି ସାମାଜିକ ଗଣମାଧ୍ୟମରେ ବିକୃତ ଭାବେ ଉପସ୍ଥାପନ ଏବଂ ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଅଭିଯୋଗ ଉଠାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୪ ଜୁଲାଇରେ ସୁପ୍ରିମ୍‌କୋର୍ଟ ଅନ୍ତରୀଣ ଆଦେଶ ଜାରି କରିଥିଲେ। ସେହି ଆଦେଶ ଅନୁସାରେ, ସମ୍ପୃକ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ୍ କିମ୍ବା ସୁପ୍ରିମ୍‌କୋର୍ଟର ସେକ୍ରେଟାରି ଜେନେରାଲଙ୍କ ପୂର୍ବ ଅନୁମତି ବିନା କୋର୍ଟ ଶୁଣାଣିର ଅଡିଓ କିମ୍ବା ଭିଡିଓ ରେକର୍ଡିଂକୁ କାଟଛାଟ, ସମ୍ପାଦନା, ପୋଷ୍ଟ, ପୁନଃପୋଷ୍ଟ, ଅପଲୋଡ୍ କିମ୍ବା ଆର୍ଥିକ ଲାଭ ପାଇଁ ବ୍ୟବହାର କରିହେବ ନାହିଁ। କୋର୍ଟ କହିଥିଲେ, ନ୍ୟାୟିକ ପ୍ରକ୍ରିୟାର ଗମ୍ଭୀରତା ଓ ବିଶ୍ୱସନୀୟତା ଅକ୍ଷୁଣ୍ଣ ରଖିବା ସହ ସାମାଜିକ ଗଣମାଧ୍ୟମରେ ଏହାର ଅପବ୍ୟବହାର ରୋକିବା ହିଁ ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ।

## ସ୍କୁଲ ଭିତରେ ପଶି ଶିକ୍ଷୟିତ୍ରୀଙ୍କୁ ହତ୍ୟା

ହରୟାଣା : ହରିୟାଣା ଫରିଦାବାଦରେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ମୁଖାପିନ୍ଧା ଯୁବକ ୩୪ ଥର ଛୁରାମାଡ଼ କରି ହତ୍ୟା କରିଛି । ସ୍କୁଲ ଭିତରେ ପଶି ଶିକ୍ଷୟିତ୍ରୀଙ୍କୁ ଛୁରୀ ଭୁସି ହତ୍ୟା ଘଟଣାରେ ପୋଲିସ ୨୧ ବର୍ଷୀୟ ଅଭିଯୁକ୍ତ ଅମିତକୁ ଗିରଫ କରିଛି । ଶିକ୍ଷୟିତ୍ରୀ ଜଣକ ଫିରୋଜପୁର ସିକରୋନା ସ୍ଥିତ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଖବର ମୁତାବକ, ହରିୟାଣାର ଫରିଦାବାଦ ଅନ୍ତର୍ଗତ ସିକ୍ରୋନା ଗାଁରେ ଥିବା ସରସ୍ୱତୀ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ ଏହି ନୃଶଂସ କାଣ୍ଡ ଘଟିଛି । ସକାଳ ପ୍ରାୟ ୯:୪୦ ସମୟରେ ମୁଖାପିନ୍ଧା ଅଭିଯୁକ୍ତ ସ୍କୁଲ ଭିତରକୁ ପଶି ଶିକ୍ଷୟିତ୍ରୀଙ୍କ ବିଷୟରେ ପଚରାଉଚରା କରିଥିଲା । ଏହାପରେ ଶିକ୍ଷୟିତ୍ରୀ ଜଣକ ସାମ୍ନାକୁ ଆସିବା ମାତ୍ରେ ସେ ତାଙ୍କ ବେକକୁ ଧରି ଘୋଷାରି ନେଇଥିଲା ।

## ମହିଳାଙ୍କୁ ମିଳିବ ସୁନା କଏନ, ପିଲାଙ୍କୁ ମିଳିବ ୫ ଲକ୍ଷର ଏଆଇ ସ୍କିଲ୍ ଟ୍ରେନିଂ




ତାମିଲନାଡୁ : ତାମିଲନାଡୁର ବିଜୟ ସରକାର ବଜେଟ ୨୦୨୬-୨୭ରେ ମହିଳାମାନଙ୍କୁ ବଡ଼ ଉପହାର ଦେଇଛନ୍ତି । ବଜେଟରେ ବ୍ରଦର୍ସ ଗିଫ୍ଟ ସ୍କିମ ଅଧିନରେ ମହିଳାଙ୍କୁ ୮ ଗ୍ରାମର ସୁନାର କଏନ ଏବଂ ସିଲ୍କ ଶାଢ଼ି ଯୋଜନା ପାଇଁ ୮୧୨ କୋଟି ଟଙ୍କାର ପ୍ରସ୍ତାବ ଆଗତ କରିଛନ୍ତି । ଏହାକୁ ଝିଅ ବିବାହ ସମୟରେ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ତାଙ୍କ ନିର୍ବାଚନ ଇସ୍ତାହାରରେ ମହିଳାମାନଙ୍କୁ ଉପହାର ଦେବାକୁ ଘୋଷଣା କରିଥିଲେ । ଏବେ ବଜେଟରେ ଏନେଇ ଘୋଷଣା କରାଯାଇଛି । ବିଧାନସଭାରେ ଟିଭିକେ ସରକାର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି । ବୁଧବାର ତାମିଲନାଡୁ ଅର୍ଥମନ୍ତ୍ରୀ ଏନ. ମେରୀ ୱିଲସନ୍ ବିଧାନସଭାରେ ଟିଭିକେ ସରକାରଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, ରାଜ୍ୟକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ଟେଣ୍ଡରରେ କିଛି ଦଳ ଏବଂ ବ୍ୟକ୍ତିବିଶେଷ ପାଇଥିବା କଟ ବା କମିସନକୁ ବନ୍ଦ କରିଥିବାରୁ ୱିଲସନ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି । ୱିଲସନ କହିଛନ୍ତି ଯେ, ପ୍ରଥମ ଥର ହଜ୍ ଯାତ୍ରୀଙ୍କ ପାଇଁ ସବସିଡି ୨୫ ହଜାର ଟଙ୍କାରୁ ୩୫ ହଜାର ଟଙ୍କାକୁ ବୃଦ୍ଧି କରାଯିବ । ଅର୍ଥମନ୍ତ୍ରୀ କହିଛନ୍ତି, ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଏବଂ ତାମିଲନାଡୁକୁ ଅନ୍ତର୍ଜାତୀୟ କ୍ରୀଡାରେ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ୧୦ଟି ଅଲିମ୍ପିକ୍ ଉତ୍କର୍ଷ କେନ୍ଦ୍ର ନିର୍ମାଣ ପାଇଁ ୫.୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଆଇ ଉପରେ ପ୍ରାଧାନ୍ୟ ଦେଇ ତାମିଲନାଡୁ ଅର୍ଥମନ୍ତ୍ରୀ କହିଛନ୍ତି, ୨୦୩୧ ଯାଏଁ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜ, ପଲିଟେକନିକ କଲେଜ ଏବଂ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ପଢୁଥିବା ପିଲାଙ୍କୁ ୫ ଲକ୍ଷ ଟଙ୍କାର ଇଓ ସ୍କିଲ୍ ଟ୍ରେନିଂ ଦିଆଯିବ ।

## ୟୁକ୍ରେନ ରାଜଧାନୀରେ ରୁଷ୍‌ର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ, ୧୭ ମୃତ



କିବ୍: ବୁଧବାର ରାତିରେ ରୁଷ ୟୁକ୍ରେନ ରାଜଧାନୀ କିବ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିବା ଫଳରେ ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଏକ ରେଳ ଷ୍ଟେସନ୍ କ୍ଷତିଗ୍ରସ୍ତ ହୋଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି।

ଜେଲେନସ୍କିଙ୍କ ଅନୁଯାୟୀ ଆକ୍ରମଣରେ ଏକ କମ୍ପାନି, ନିର୍ମାଣ ସାମଗ୍ରୀ ଗୋଦାମ ଏବଂ ଏକ ଡାକ ପାର୍ସଲ୍ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରତିଷ୍ଠାନ ଗୁଡ଼ିକର ଯୁଦ୍ଧ ସହ କୌଣସି ସମ୍ପର୍କ ନଥିବା ଜେଲେନସ୍କି କହିଛନ୍ତି। କିନ୍ତୁ ରୁଷର ପ୍ରତିରକ୍ଷା ମନ୍ତ୍ରାଳୟ ଦାବି କରିଛି ଯେ ଉକ୍ତ ପ୍ରତିଷ୍ଠାନଗୁଡ଼ିକ ସେନା ସହ ଜଡ଼ିତ ଥିଲା। ଗତ ରାତିରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣ ଚଳିତ ଗ୍ରୀଷ୍ମ ଋତୁରେ ରୁଷ ପକ୍ଷରୁ କରାଯାଉଥିବା ବଡ଼ ଧରଣର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ସଦ୍ୟତମ ଘଟଣା। ୟୁକ୍ରେନ ପାଖରେ ଆମେରିକା ନିର୍ମିତ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ଇଣ୍ଟରସେପ୍‌ଟର କ୍ଷେପଣାସ୍ତ୍ରର ଘୋର ଅଭାବ ରହିଛି। ଏହି ବ୍ୟବସ୍ଥା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଅଟକାଇବାରେ ସକ୍ଷମ ଏକମାତ୍ର ଅସ୍ତ୍ର। ଇରାନ ଯୁଦ୍ଧ ପରେ ଏହି ଗୋଳାବାରୁଦର ଅଭାବ ଆହୁରି ବଢ଼ିଯାଇଥିବାରୁ ଜେଲେନସ୍କି ଅନ୍ୟ ଦେଶଗୁଡ଼ିକୁ ଅଧିକ ମିସାଇଲ୍ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଜେଲେନସ୍କି କହିଛନ୍ତି, ଚଳିତ ବର୍ଷର ପ୍ରଥମ ଛଅ ମାସରେ ୟୁକ୍ରେନକୁ ମିଳିଥିବା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ରର ପରିମାଣ ୨୦୨୫ ତୁଳନାରେ ଏକ ତୃତୀୟାଂଶକୁ ଖସିଆସିଛି। ଆଜି ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କୁ ବାଲିଷ୍ଟିକ୍ ଇଣ୍ଟରସେପ୍‌ଟର ଥିଲେ ବଞ୍ଚାଇବା ସମ୍ଭବ ହୋଇପାରିଥାନ୍ତା ବୋଲି ଜେଲେନସ୍କି କହିଛନ୍ତି। ୟୁକ୍ରେନ ଦାବି ଅନୁଯାୟୀ ତିନି ସପ୍ତାହରୁ କମ୍ ସମୟ ମଧ୍ୟରେ ୧୪ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏଗୁଡ଼ିକ ସେନା ପାଇଁ ବ୍ୟବହାରଯୋଗ୍ୟ ସାମଗ୍ରୀ ଯୋଗାଇଥାନ୍ତି। ଅନ୍ୟପକ୍ଷେ ରୁଷର ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଯେ ଗତ ରାତିରେ ୧୬ଟି ରୁଷ ଅଞ୍ଚଳ, କ୍ରିମିଆ ଓ ଆଜୋଭ୍ ଏବଂ କୃଷ୍ଣସାଗର ଉପରେ ଉଡୁଥିବା ୪୭୫ଟି ୟୁକ୍ରେନୀୟ ଡ୍ରୋନ୍‌କୁ ସେମାନଙ୍କ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଛି। ୟୁକ୍ରେନୀୟ କର୍ତ୍ତୃପକ୍ଷଙ୍କ ଅନୁସାରେ, ରୁଷ ୨୪ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ୪ଟି ହାଇପରସୋନିକ୍ ଜିର୍କନ୍ କିମ୍ବା ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ୧୧୫ଟି ଡ୍ରୋନ୍ ବ୍ୟବହାର କରିଥିଲା। ଏଥିମଧ୍ୟରୁ ଅନେକ ଜେଟ୍-ଚାଳିତ ଥିବାରୁ ସେଗୁଡ଼ିକୁ ଅଟକାଇବା କଷ୍ଟକର ଥିଲା।

## ଆଖି ଚିକିତ୍ସା ପାଇଁ ଅଭିଷେକଙ୍କ ବିଦେଶ ଯିବାକୁ ଅନୁମତି ଦେଲେନି କଲିକତା ହାଇକୋର୍ଟ

କୋଲକାତା: ଚିକିତ୍ସା ପାଇଁ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବନାର୍ଜୀଙ୍କୁ ବିଦେଶ ଯିବାକୁ କଲିକତା ହାଇକୋର୍ଟ ଅନୁମତି ଦେଲେନି। ଅଭିଷେକ ଜରୁରୀ ଭିତ୍ତିରେ ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମାଗିଥିଲେ। କିନ୍ତୁ କୋର୍ଟ ମନା କରି ଦେଇଛନ୍ତି। ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ମଧ୍ୟ କୋର୍ଟ ସମାନ ପ୍ରକାରର ଏକ ଆବେଦନକୁ ଖାରଜ କରିଥିଲେ। ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟଙ୍କ ଜଣିକିଆ ଖଣ୍ଡପୀଠ କହିଛନ୍ତି , ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବିରୋଧୀ ଦଳ ନେତା ଓ କର୍ମୀଙ୍କୁ ଧମକପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ପୁଲିସ ମାମଲାର ସମ୍ମୁଖୀନ ହେଉଥିବା ୪୦ ବର୍ଷୀୟ ଅଭିଷେକ ବନାର୍ଜୀଙ୍କର ଦେଶ ଛାଡ଼ିବାର କେଣସି ଆବଶ୍ୟକତା ଅଛି ବୋଲି କୋର୍ଟ ଦେଖିପାରୁନାହାନ୍ତି। ଭାରତରେ ମଧ୍ୟ ଚିକିତ୍ସା ଉପଲବ୍ଧ ବୋଲି କୋର୍ଟ କହିଛନ୍ତି। ବିଚାରପତି ଭଟ୍ଟାଚାର୍ଯ୍ୟ କହିଛନ୍ତି, ୨୦୧୬ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ଆଖିରେ ଆଘାତ ପାଇଥିବା ଅଭିଷେକ ବନାର୍ଜୀ କେଉଁଠି ଚିକିତ୍ସା ହେଉଛନ୍ତି ତାହା ମୁଖ୍ୟ ବିଷୟ ନୁହେଁ ବରଂ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖଯୋଗ୍ୟ ଗତ ଜୁଲାଇ ୨୦ରେ ମଧ୍ୟ ଏହି ସମାନ ଖଣ୍ଡପୀଠ ଅଭିଷେକଙ୍କ ଆବେଦନକୁ ଖାରଜ କରି କହିଥିଲେ ଯେ କୋଲକାତାରେ ଅନେକ ପ୍ରତିଷ୍ଠିତ ଚକ୍ଷୁ ଚିକିତ୍ସା କେନ୍ଦ୍ର ରହିଛି। ଉଲ୍ଲେଖଯୋଗ୍ୟ ଏପ୍ରିଲ ୨୭ରେ ଏକ ଜନସଭାରେ ବିରୋଧୀ ଦଳର ନେତା ଓ କର୍ମୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟକୁ ନେଇ ରୁଜୁ ହୋଇଥିବା ମାମଲାରେ ଅଭିଷେକ ବନାର୍ଜୀଙ୍କୁ ଅକ୍ଟୋବର ୬ ପର୍ଯ୍ୟନ୍ତ ବଳପୂର୍ବକ କାର୍ଯ୍ୟାନୁଷ୍ଠାନରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବା ସହ ଅଦାଲତ ତାଙ୍କୁ ତଦନ୍ତରେ ସହଯୋଗ କରିବାକୁ ଏବଂ ଅଦାଲତଙ୍କ ଅନୁମତି ବିନା ବିଦେଶ ଯାତ୍ରା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତି ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ତଦନ୍ତ ଚାଲିଥିବା ସମୟରେ ଅଭିଷେକଙ୍କୁ ବିଦେଶ ଯିବାର ଅନୁମତି ଦେବାକୁ ଅଦାଲତ ଇଚ୍ଛୁକ ନୁହନ୍ତି। ସେ ପଶ୍ଚିମବଙ୍ଗ ସରକାରଙ୍କ ଏସଏସକେଏମ୍ ହସ୍ପିଟାଲର ଚକ୍ଷୁ ବିଭାଗର ମୁଖ୍ୟଙ୍କ ନିକଟରେ ପରୀକ୍ଷା କରାଇବେ। ସେଠାରେ ତାଙ୍କ ଆଖିର ସମସ୍ୟାର ଚିକିତ୍ସା ସମ୍ଭବ କି ନାହିଁ, ସେହି ବିଷୟରେ ବିଶେଷଜ୍ଞ ମତ ଦେବେ। ଅଦାଲତ କହିଛନ୍ତି ଯେ, ଏସଏସକେଏମ୍ ହସ୍ପିଟାଲର ରିପୋର୍ଟ ଆସିବା ପରେ ହିଁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ତେବେ ଡାଏମଣ୍ଡ ହାର୍ବର ଲୋକସଭା ସାଂସଦ ଅଭିଷେକ ବନାର୍ଜୀ ସୁପ୍ରିମକୋର୍ଟରେ ଆବେଦନ କରି କହିଥିଲେ ଯେ, ତାଙ୍କ ବିରୋଧରେ ଥିବା ସମସ୍ତ ମାମଲାରେ ସେ ତଦନ୍ତରେ ସହଯୋଗ କରିଛନ୍ତି ଏବଂ ତାଙ୍କୁ ଆବଶ୍ୟକ ଚିକିତ୍ସାରୁ ବଞ୍ଚିତ କରାଯିବା ଉଚିତ ନୁହେଁ। ସୋମବାର ସୁପ୍ରିମକୋର୍ଟ କଲିକତା ହାଇକୋର୍ଟକୁ ଏକ ସପ୍ତାହ ମଧ୍ୟରେ ଏହି ଆବେଦନର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୨୩ ଔଷଧର ଖୁଚୁରା ମୂଲ୍ୟ ଧାର୍ଯ୍ୟ

ନୂଆଦିଲ୍ଲୀ: ଜାତୀୟ ଫାର୍ମାସ୍ୟୁଟିକାଲ୍ ମୂଲ୍ୟ କର୍ତ୍ତୃପକ୍ଷ (ଏନ୍‌ପିପିଏ) ୨୩ଟି ଔଷଧ ମିଶ୍ରଣର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ଏଥିରେ ଡାଇବେଟିସ୍, ହୃଦରୋଗ, ଯନ୍ତ୍ରଣା ନିବାରକ ଔଷଧ ରହିଛି। ଟାଇପ୍-୨ ଡାଇବେଟିସ୍ ରୋଗୀମାନେ ସେବନ କରୁଥିବା ସିତାଗ୍ଲିପ୍‌ଟିନ୍, ଗ୍ଲିମେପିରାଇଡ୍, ଡାପାଗ୍ଲିଫ୍ଲୋଜିନ୍, ମେଟ୍‌ଫର୍ମିନ (ଏକ୍ସଟେଣ୍ଡେଡ୍ ରିଲିଜ୍ ଓ ସଷ୍ଟେନଡ୍ ରିଲିଜ୍) ଓ ପିଓଗ୍ଲିଟାଜୋନ୍‌ର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଏହି ଔଷଧଗୁଡ଼ିକୁ ସନ୍ ଫାର୍ମା, ମ୍ୟାନ୍‌କାଇଣ୍ଡ ଫାର୍ମା, ଟୋରେଣ୍ଟ ଫାର୍ମାସ୍ୟୁଟିକାଲ୍‌ସ, ଆଲକେମ୍, ଆଇପିସିଏ, ଆରିଷ୍ଟୋ ଫାର୍ମାସ୍ୟୁଟିକାଲ୍‌ସ ଭଳି କମ୍ପାନି ନିର୍ମାଣ କରୁଛନ୍ତି। ଔଷଧଗୁଡ଼ିକର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରାଯିବାର ଅର୍ଥ ହେଉଛି କୌଣସି ସଂସ୍ଥା ତାଠାରୁ ଅଧିକ ଦାମ୍‌ରେ ଔଷଧ ବିକ୍ରି କରିପାରିବେ ନାହିଁ। ବିଭିନ୍ନ ପ୍ରକାର ବିଷୟ ବିଚାରକୁ ନେଇ ଏନ୍‌ପିପିଏ ତରଫରୁ ଔଷଧର ଖୁଚୁରା ଦର ନିର୍ଦ୍ଧାରଣ କରାଯାଉଛି।

## ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ଲୋକସଭାରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ: ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଗୃହରେ ଲଗାତାର ଅଚଳାବସ୍ଥା ଦୂର କରିବା ପାଇଁ ବୁଧବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗ କରିଛନ୍ତି ବୋଲି ସୂତ୍ରରୁ ଜଣାପଡିଛି। ଛାତ୍ରମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ବିରୋଧୀ ଦଳଗୁଡ଼ିକ ନାରାବାଜି ଜାରି ରଖିବାରୁ ଲୋକସଭା କାର୍ଯ୍ୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବି ରଖାଯାଇଛି ।ଜୁଲାଇ ୨୦ରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ପରଠାରୁ, ଲୋକସଭା ଏହାର ପ୍ରଶ୍ନକାଳ ସମାପ୍ତ କରିପାରି ନାହିଁ। ହଙ୍ଗାମା ମଧ୍ୟରେ ପାଞ୍ଚଟି ବିଲ୍ ବିନା ଆଲୋଚନାରେ ଗୃହୀତ ହୋଇଛି। ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ଏବଂ ଗୃହକୁ ପ୍ରଶ୍ନକାଳ ଆରମ୍ଭ କରିବାକୁ ଅନୁମତି ଦେବାକୁ କହିଥିଲେ। ସଦନ ଭିତରେ ହେଉ କି ବାହାରେ, ସ୍ଲୋଗାନ ଦେବା ଗଣତନ୍ତ୍ର ପାଇଁ ଭଲ ନୁହେଁ। ପ୍ଲାକାର୍ଡ ଦେଖାଇ ଏବଂ ସ୍ଲୋଗାନ ଦେଇ ଆପଣ ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରୁଛନ୍ତି ବୋଲି ବିର୍ଲା ବିରୋଧୀ ସଦସ୍ୟମାନଙ୍କୁ କହିଥିଲେ। ବିର୍ଲା କହିଥିଲେ, ଅନେକ ସଦସ୍ୟ ତାଙ୍କ ପାଖକୁ ଆସି କହିଛନ୍ତି ଯେ, ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ତାଲିକାଭୁକ୍ତ ହୋଇଛି କିନ୍ତୁ ଚଳିତ ମୌସୁମୀ ଅଧିବେଶନରେ ବିରୋଧୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିଭ୍ରାଟ ଯୋଗୁଁ ଗୃହରେ ପ୍ରଶ୍ନକାଳ ହୋଇପାରୁନାହିଁ।

## ସ୍ପେସ୍‌ଏକ୍ସର ପୁରୁଣା ରକେଟ୍ ଚନ୍ଦ୍ରରେ ଖସିପଡ଼ିଥିବା ସନ୍ଦେହ

ନୂଆଦିଲ୍ଲୀ: ଆମେରିକାର ମହାକାଶ ସଂସ୍ଥା ସ୍ପେସ୍‌ଏକ୍ସର ଏକ ପୁରୁଣା ରକେଟ୍ ଅଂଶ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିବାର ପ୍ରବଳ ସମ୍ଭାବନା ଥିବା ବେଳେ ଏହାର ଆନୁଷ୍ଠାନିକ ପୁଷ୍ଟି ଏପର୍ଯ୍ୟନ୍ତ ହୋଇନାହିଁ। ମହାକାଶ ବିଜ୍ଞାନୀମାନେ ରକେଟ୍‌ର ଗତିପଥ ଉପରେ ନଜର ରଖିଥିବା ବେଳେ ଏହା ଚନ୍ଦ୍ରରେ ଧକ୍କା ଦେଇଥାଇପାରେ ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି। ସୂଚନା ଅନୁସାରେ, ଏହା ସ୍ପେସ୍‌ଏକ୍ସର ଫାଲକନ୍-୯ ରକେଟ୍‌ର ଉପର ଅଂଶ, ଯାହାକି ପୂର୍ବରୁ ଏକ ମହାକାଶ ଅଭିଯାନ ପରେ ପୃଥିବୀ ଓ ଚନ୍ଦ୍ର ମଧ୍ୟବର୍ତ୍ତୀ କକ୍ଷପଥରେ ଘୂରିବୁଲୁଥିଲା। ଦୀର୍ଘ ସମୟ ଧରି ଅନିୟନ୍ତ୍ରିତ ଅବସ୍ଥାରେ ରହିବା ପରେ ଏହାର କକ୍ଷପଥ ପରିବର୍ତ୍ତନ ହୋଇ ଚନ୍ଦ୍ର ଆଡ଼କୁ ଗତି କରିଥିଲା। ମହାକାଶ ପର୍ଯ୍ୟବେକ୍ଷଣ କରୁଥିବା ସ୍ୱାଧୀନ ବିଶେଷଜ୍ଞମାନଙ୍କ ମତରେ, ରକେଟ୍ ଅଂଶଟି ନିର୍ଦ୍ଧାରିତ ସମୟରେ ଚନ୍ଦ୍ର ପୃଷ୍ଠରେ ଧକ୍କା ହୋଇଥାଇପାରେ। ତେବେ ଏହାକୁ ନାସା, ସ୍ପେସ୍‌ଏକ୍ସ କିମ୍ବା ଅନ୍ୟ କୌଣସି ମହାକାଶ ସଂସ୍ଥା ପକ୍ଷରୁ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ପୁଷ୍ଟି କରାଯାଇନାହିଁ। ଚନ୍ଦ୍ରକୁ ପରିକ୍ରମା କରୁଥିବା ମହାକାଶଯାନଗୁଡ଼ିକରୁ ମିଳୁଥିବା ଚିତ୍ର ଏବଂ ତଥ୍ୟ ବିଶ୍ଳେଷଣ ପରେ ହିଁ ଏହା ସ୍ପଷ୍ଟ ହେବ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଏଭଳି ଧକ୍କା ଚନ୍ଦ୍ର ପୃଷ୍ଠରେ ଏକ ଛୋଟ ଗର୍ତ୍ତ ସୃଷ୍ଟି କରିପାରେ। କିନ୍ତୁ ଚନ୍ଦ୍ରର ସାମଗ୍ରିକ ଗଠନ କିମ୍ବା ପୃଥିବୀ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ପୂର୍ବରୁ ମଧ୍ୟ ବିଭିନ୍ନ ଦେଶର ଅନେକ ଅବ୍ୟବହୃତ ରକେଟ୍ ଅଂଶ ଓ ମହାକାଶ ଯାନ ଚନ୍ଦ୍ରରେ ନିୟନ୍ତ୍ରିତ କିମ୍ବା ଅନିୟନ୍ତ୍ରିତ ଭାବେ ଧକ୍କା ହୋଇଛି।

## ମହାରାଷ୍ଟ୍ରରେ ନନ୍-ଡେରି ପନିର୍ ନିଷିଦ୍ଧ; ଉଲ୍ଲଂଘନକାରୀଙ୍କୁ ୬ ମାସ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା

ମୁମ୍ବାଇ : ମହାରାଷ୍ଟ୍ର ସରକାର ନକଲି ଓ ଭେଜାଲ ଦୁଗ୍ଧଜାତ ଖାଦ୍ୟ ବିକ୍ରିକୁ ରୋକିବା ପାଇଁ ନନ୍-ଡେରି (ବିନା ଦୁଗ୍ଧରେ ପ୍ରସ୍ତୁତ) ପନିରର ଉତ୍ପାଦନ ଓ ବିକ୍ରି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ନିୟମ ଉଲ୍ଲଂଘନ କଲେ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବ । ଛତିଶଗଡ଼ ପରେ ଏପରି ପ୍ରତିବନ୍ଧକ ଲାଗୁ କରିଥିବା ଦ୍ୱିତୀୟ ରାଜ୍ୟ ହେଉଛି ମହାରାଷ୍ଟ୍ର । ରାଜ୍ୟର ଖାଦ୍ୟ ସୁରକ୍ଷା କମିସନର ତୁକାରାମ ମୁଣ୍ଡେଙ୍କ ଦ୍ୱାରା ଜାରି ହୋଇଥିବା ନିଷିଦ୍ଧାଦେଶ ଅନୁଯାୟୀ, ଆନାଲଗ୍ କିମ୍ବା ନନ୍-ଡେରି ପନିରର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକିଂ, ଗଚ୍ଛିତ ରଖିବା, ପରିବହନ, ଖୁଚୁରା ଓ ପାଇକାରୀ ବିକ୍ରି, ବଣ୍ଟନକୁ ରାଜ୍ୟବ୍ୟାପୀ ନିଷିଦ୍ଧ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬ ଅନୁଯାୟୀ, ଅପରାଧର ଗୁରୁତ୍ୱ ଅନୁସାରେ ଦୋଷୀଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଯଦି ଅସୁରକ୍ଷିତ ଖାଦ୍ୟ ଖାଇ କାହାର ମୃତ୍ୟୁ ଘଟେ, ତେବେ ଆଇନ ଅନୁଯାୟୀ ଆଜୀବନ କାରାଦଣ୍ଡ ଏବଂ ଅତି କମ୍‌ରେ ୧୦ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି ।

## ଶେଖ୍ ହସିନାଙ୍କ ପ୍ରଥମ ସାର୍ବଜନୀନ ବକ୍ତବ୍ୟ; ଡିସେମ୍ବର ମାସରେ ସ୍ୱଦେଶ ଫେରିବା ଘୋଷଣା

ନୂଆଦିଲ୍ଲୀ : ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଯୋଗୁ କ୍ଷମତାଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେବାର ଦୁଇ ବର୍ଷ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବୁଧବାର ପ୍ରଥମ ସାର୍ବଜନୀନ ଭର୍ଚୁଆଲ ମଞ୍ଚକୁ ଆସି ଏକ ଭାବପୂର୍ଣ୍ଣ ଅଡିଓ ବକ୍ତବ୍ୟ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରୁ ଦେଇଥିବା ଏହି ସମ୍ବୋଧନରେ ସେ ଦାବି କରିଛନ୍ତି ଯେ, ୨୦୨୪ ଜୁଲାଇ-ଅଗଷ୍ଟ ମାସରେ ତାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିବା ଜନଆନ୍ଦୋଳନ କୌଣସି ସ୍ୱାଭାବିକ ଛାତ୍ର ପ୍ରତିବାଦ ନଥିଲା । ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ବାହାରେ ତାଙ୍କ ସରକାରକୁ ହଟାଇ ଏକ ନୂତନ ଶାସନ ପ୍ରତିଷ୍ଠା କରିବା ପାଇଁ ଅତି ସୂକ୍ଷ୍ମ ଭାବେ ପ୍ରସ୍ତୁତ କରାଯାଇଥିବା ଏକ ଯୋଜନାବଦ୍ଧ ବୈଦେଶିକ ଅପରେସନ ଥିଲା ।



ଢାକା ପ୍ରଶାସନର ତୀବ୍ର ଆପତ୍ତି ସତ୍ତ୍ୱେ ହସିନାଙ୍କ ଏହି କାର୍ଯ୍ୟକ୍ରମ ଏକ ବେସରକାରୀ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ କୌଣସି ସମ୍ପୃକ୍ତି ନଥିବା ସ୍ପଷ୍ଟ କରାଯାଇଛି । ଶେଖ୍ ହସିନା ନିଜ ବକ୍ତବ୍ୟ ପ୍ରାରମ୍ଭରେ ବାଂଲାଦେଶର ପ୍ରତିଷ୍ଠାତା ତଥା ତାଙ୍କ ପିତା ଶେଖ୍ ମୁଜିବୁର ରହମାନ, ୧୯୭୧ ମସିହା ମୁକ୍ତିଯୁଦ୍ଧର ସହିଦ ଏବଂ ୧୯୭୫ ଅଗଷ୍ଟ ସାମରିକ ବିଦ୍ରୋହରେ ପ୍ରାଣ ହରାଇଥିବା ତାଙ୍କ ପରିବାର ସଦସ୍ୟମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶର ସାମ୍ପ୍ରତିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ପ୍ରକାଶ କରି ସେ କହିଛନ୍ତି ଯେ, ସଂରକ୍ଷଣ ନୀତିରେ ସଂସ୍କାର ବାହାନାରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବହୁ ପୂର୍ବରୁ ଷଡ଼ଯନ୍ତ୍ର ମାଧ୍ୟମରେ ରୂପରେଖ ଦିଆଯାଇଥିଲା । ସେ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ସମ୍ପର୍କରେ କହିଛନ୍ତି ଯେ ସେ ନିଜେ ଏହି ଭୟାନକ ଚକ୍ରାନ୍ତ ପଛର ସତ୍ୟ ସାର୍ବଜନୀନ କରିଛନ୍ତି । କୋଟା ଆନ୍ଦୋଳନକୁ ଜାଣିଶୁଣି ଏକସୂତ୍ରୀ ଦାବିରେ ପରିଣତ କରାଯାଇ ସଂଗଠିତ ଗୋଷ୍ଠୀଗୁଡ଼ିକ ଦ୍ୱାରା କ୍ଷମତା ଦଖଲ ପାଇଁ ବ୍ୟାପକ ହିଂସା କରାଯାଇଥିଲା । ସେ କହିଛନ୍ତି ଯେ ୨୦୨୪ ଜୁଲାଇ ମାସର ଏହି ଆନ୍ଦୋଳନ ଆରମ୍ଭରୁ ଆଦୌ ଶାନ୍ତିପୂର୍ଣ୍ଣ ନଥିଲା ।

# ଶ୍ରୀଲଙ୍କାରେ ପହଞ୍ଚିଲା ଟିମ୍ ଇଣ୍ଡିଆ: ଚିନ୍ତା ବାଇଲା ସାଇ ସୁଦର୍ଶନଙ୍କ ଅନୁପସ୍ଥିତି

କଲମ୍ବୋ,୫।୮: ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଖେଳିବା ଲାଗି ମଙ୍ଗଳବାର ଶ୍ରୀଲଙ୍କାରେ ପହଞ୍ଚିଛି। ଭାରତୀୟ ଖେଳାଳିମାନେ ମୁମ୍ବାଇରୁ ଯାତ୍ରା ଆରମ୍ଭ କରି କଲମ୍ବୋର ବନ୍ଦାରନାୟକେ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ କଡା ସୁରକ୍ଷା ଭିତରେ ଦଳୀୟ ହୋଟେଲକୁ ଯାଇଥିଲେ। ସେଠାରେ ଭାରତୀୟ ଖେଳାଳିମାନଙ୍କୁ ସିଂହଳୀ ପରମ୍ପରା ଓ ରୀତିନୀତି ଅନୁସାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ୍ ଚଳିତ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଗଲ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ। ସେହିଭଳି ଦ୍ୱିତୀୟ ଟେଷ୍ଟ୍ ଅଗଷ୍ଟ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ କଲମ୍ବୋର ଏସ୍‌ଏସ୍‌ସି ଗ୍ରାଉଣ୍ଡରେ ଆୟୋଜିତ ହେବ।

ଏହା ପୂର୍ବରୁ ଭାରତୀୟ ଦଳ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ କଲମ୍ବୋର ଏନ୍‌ସିସି ଗ୍ରାଉଣ୍ଡରେ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଏହି ତିନିଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ। ପୂର୍ବରୁ ଏହି ମୁକାବିଲା ଚାରିଦିନିଆ ମ୍ୟାଚ୍ ଭାବେ ଧାର୍ଯ୍ୟ ହୋଇଥିଲା, କିନ୍ତୁ ପରେ ଏହାକୁ ତିନିଦିନିଆରେ ପରିବର୍ତ୍ତନ କରାଯାଇଥିଲା। ଭାରତୀୟ କ୍ରିକେଟ୍ ଦଳ ଏହି ଶୃଙ୍ଖଳା ୨୦୨୫-୨୭ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଚକ୍ରରେ ଅନ୍ତର୍ଗତ ଖେଳିବ। ସଂପ୍ରତି ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍‌ରେ ଭାରତ ପଞ୍ଚମ ସ୍ଥାନରେ ରହିଛି। ୯ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ଏବଂ ୪ଟିରେ ପରାଜିତ ହୋଇଛି। ଭାରତର ପଏଣ୍ଟ୍ ପ୍ରତିଶତ ରହିଛି ୪୮.୧୫। ଅନ୍ୟପକ୍ଷରେ ଶ୍ରୀଲଙ୍କା



ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍‌ରେ ଷଷ୍ଠ ସ୍ଥାନରେ ରହିଛି। ୪ଟି ମ୍ୟାଚ୍‌ରୁ ଶ୍ରୀଲଙ୍କା ଗୋଟିଏ ବିଜୟ, ଗୋଟିଏ ପରାଜୟ ଏବଂ ଦୁଇଟି ଡ୍ର' ସହ ୪୧.୬୭ ପଏଣ୍ଟ ପ୍ରତିଶତ ରଖିଛି। ତେବେ ଯୁବ ବ୍ୟାଟର୍ ସାଇ ସୁଦର୍ଶନ ଦଳ ସହ ମଙ୍ଗଳବାର ଶ୍ରୀଲଙ୍କା ଯାତ୍ରା କରି ନଥିବା ଜଣାପଡିଛି। ଇଣ୍ଡିଆ-ଏ'ର ଶ୍ରୀଲଙ୍କା ଗସ୍ତ ସମୟରେ ପାଦରେ ଆଘାତ ପାଇଥିବା ସୁଦର୍ଶନ ଏବେ ଫିଟନେସ୍ କ୍ଲିୟରାନ୍ସ ଅପେକ୍ଷାରେ ଅଛନ୍ତି।

## ଭାରତ ପାଇଁ ଡବ୍ଲ୍ୟୁଟିସି ଫାଇନାଲ୍ ରାସ୍ତା କଷ୍ଟକର

ମୁମ୍ବାଇ: ଏଥର ଭାରତ ପାଇଁ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଫାଇନାଲ୍‌କୁ ଯିବା ରାସ୍ତା କଷ୍ଟକର ବୋଲି କହିଛନ୍ତି ପୂର୍ବତନ ଓପନର ଆକାଶ ଚୋପ୍ରା। ସେ କହିଛନ୍ତି ଯେ ଆସନ୍ତା ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରେ ଭାରତ ୨-୦ରେ ଜିତିଲେ ବି ସ୍ଥିତି କଷ୍ଟକର ରହିବ। ଶ୍ରୀଲଙ୍କାରେ ଭାରତ ଦୁଇଟି ଟେଷ୍ଟ୍ ଖେଳିବ। ବର୍ତ୍ତମାନ ଭାରତର ଡବ୍ଲ୍ୟୁଟିସି ପଏଣ୍ଟ ପ୍ରତିଶତ ୪୮.୧୫ ଥିବାବେଳେ ଏହି ଶୃଙ୍ଖଳାରେ ୨-୦ରେ ଜିତିଲେ ତାହା ୫୭.୫୮କୁ ବୃଦ୍ଧି ପାଇବ। ଏହା ସତ୍ତ୍ୱେ ଆଗକୁ ଦୁଇଟି କଷ୍ଟକର ଶୃଙ୍ଖଳା ଥିବାରୁ ଭାରତ ପାଇଁ ଫାଇନାଲରେ ପହଞ୍ଚିବା ରାସ୍ତା କଷ୍ଟକର ରହିବ। ଶୃଙ୍ଖଳା ୧-୧ରେ ବରାବର ରହିଲେ ଭାରତ ପାଇଁ ସ୍ଥିତିରେ ବିଶେଷ ଉନ୍ନତି ଆସିବ ନାହିଁ। କିନ୍ତୁ ଭାରତ ଏହି ଶୃଙ୍ଖଳା ହାରିଲେ ପଏଣ୍ଟ ପ୍ରତିଶତ ୩୯କୁ ଖସିଆସିବ ଓ ଶ୍ରୀଲଙ୍କା ପାଇଁ ଏକ ସୁଯୋଗ ରହିବ। ଆସନ୍ତା ନଭେମ୍ବର ମାସରେ ନ୍ୟୁଜିଲାଣ୍ଡ ଗସ୍ତ କରି ଭାରତ ୨ଟି ଟେଷ୍ଟ ଖେଳିବ। ଏହା ପରେ ଜାନୁଆରି ୨୦୨୭ରୁ ମାର୍ଚ୍ଚ ମଧ୍ୟରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟେଷ୍ଟ୍ ଖେଳିବ। ଏହି ଦୁଇଟି ଟେଷ୍ଟ୍ ଶୃଙ୍ଖଳାରେ ବିଜୟ ହାସଲ କରିବା ଭାରତ ପାଇଁ ଆଦୌ ସହଜ ହେବ ନାହିଁ ବୋଲି ସେ କହିଛନ୍ତି।

# ନଭେମ୍ବର ୨୯ରୁ ଜାତୀୟ ଚେସ୍

## ଗୁପ୍ତାଙ୍କ ସୋସିଆଲ୍ ମିଡିଆ ପୋଷ୍ଟ ପରେ ବଦଳିଲା ନିଷ୍ପତ୍ତି

ନୂଆଦିଲ୍ଲୀ,୫।୮(ଏଜେନସି): ସର୍ବ ଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ବରିଷ୍ଠ ଜାତୀୟ ଚେସ୍ ପ୍ରତିଯୋଗିତା ଲାଗି ବୁଧବାର ନୂଆ ତାରିଖ ଘୋଷଣା କରିଛି। ନଭେମ୍ବର ୨୯ରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଉତ୍ତରପ୍ରଦେଶର ବାରାଣାସୀଠାରେ ଅନୁଷ୍ଠିତ ହେବ। ପୂର୍ବରୁ ଏଆଇସିଏଫ୍ ଏହି ପ୍ରତିଯୋଗିତାକୁ ୨୦୨୭ ମାର୍ଚ୍ଚରେ କରିବାକୁ ସ୍ଥିର କରିଥିଲା। ତେବେ ଏହାକୁ ନେଇ ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ୫ ଥରର ରାଜ୍ୟଗୋଷ୍ଠୀ ବିଜେତା ଗ୍ରାଣ୍ଡ ମାଷ୍ଟର ଅଭିଜିତ ଗୁପ୍ତା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଗଭୀର ଚିନ୍ତା ପ୍ରକଟ କରିଥିଲେ। ୨୦୨୬ ସଂସ୍କରଣ ୨୦୨୭ ମାର୍ଚ୍ଚରେ ହେବା କେତେଦୂର ଠିକ୍। ଏଥିସହ ମାର୍ଚ୍ଚରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଥିବାରୁ ଏହି ପ୍ରତିଯୋଗିତାରେ ମଧ୍ୟ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାରେ ପ୍ରତିବନ୍ଧ ହେବ ବୋଲି ସେ ଲେଖିଥିଲେ। ଏହି ପୋଷ୍ଟ୍ ପରେ ମହାସଂଘ ତୁରନ୍ତ ବୈଠକ ଡାକି ପ୍ରମୁଖ ଅଂଶୀଦାରଙ୍କ ସହ ଆଲୋଚନା କରିବା ପରେ ନୂତନ ତାରିଖ ଘୋଷଣା କରିଛି। ପୂର୍ବରୁ ଏହି ଇଭେଣ୍ଟ ୨୦୨୭ରୁ ମାର୍ଚ୍ଚ ୨୫ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ହେବାର ସ୍ଥିର ହୋଇଥିଲା।

# କୋରିଆ ଓପନ୍: ଦ୍ୱିତୀୟ ରାଉଣ୍ଡରେ ତନ୍ୱୀ



ଆସାନ୍ (କୋରିଆ),୫।୮:: ଚଳିତ କୋରିଆ ଓପନ୍‌ରେ ଭାରତର ୧୭ ବର୍ଷୀୟା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ଶର୍ମା ଚମତ୍କାର ଆରମ୍ଭ କରିଛନ୍ତି। ମହିଳା ଏକକ ପ୍ରଥମ ରାଉଣ୍ଡରେ ତାଇପେଇ ଓପନ୍ ବିଜୟିନୀ ତୃତୀୟ ମାନ୍ୟତାପ୍ରାପ୍ତ ତନ୍ୱୀ ୨୧-୧୬, ୨୧-୧୫ରେ ଚୀନ୍‌ର ୟୁଆନ ଆନ୍ କ୍ୱିଙ୍କୁ ପରାସ୍ତ କରିଥିଲେ।ପରବର୍ତ୍ତୀ ରାଉଣ୍ଡରେ ତନ୍ୱୀ ନିଜ ଦେଶର ଶ୍ରୀୟାଂଶୀ ଭାଲିସେଟ୍ଟୀଙ୍କୁ ଭେଟିବେ। ଶ୍ରୀୟାଂଶୀ ୨୧-୧୫, ୨୧-୧୪ରେ ଚାଇନିଜ୍ ତାଇପେଇର ପାଇ ୟୁ-ପୋଙ୍କୁ ପରାସ୍ତ କରିଥିଲେ। ତେବେ ପୁରୁଷ ଯୁଗଳରେ ପୃଥ୍ୱୀ କ୍ରିଷ୍ଣାମୂର୍ତ୍ତି ରୟ ଓ କ୍ରିଷ୍ଣା ପ୍ରସାଦ ଗରାଜା ୨୧-୧୬, ୨୧-୧୮ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଥାଇଲାଣ୍ଡର ଓରାପୋଲ ଥୋଙ୍ଗସା-ଙ୍ଗା ଓ ଚାଲୋଇମ୍ପନ ଚାରୋଇଏଙ୍କିତାମୋର୍ନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

# ଅଗରକରଙ୍କ ସ୍ଥାନ ନେଇପାରନ୍ତି ଲକ୍ଷ୍ମଣ

ନୂଆଦିଲ୍ଲୀ,୫।୮: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେଉଛି। ଏହାକୁ ଆଉ ବାଢାଇବା ସପକ୍ଷରେ ନାହିଁ ବିସିସିଆଇ। ତାଙ୍କ ସ୍ଥାନ ମହାନ ବ୍ୟାଟର୍ ଭିଭିଏସ୍ ଲକ୍ଷ୍ମଣ ନେବାର ସମ୍ଭାବନା ରହିଛି। ଅଗରକରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଥିଲା। ହେଲେ ବିସିସିଆଇ ତାଙ୍କ କାର୍ଯ୍ୟକାଳ ଆଉ ୩ ମାସ ବାଢାଇଥିଲା। ଅନ୍ୟପକ୍ଷରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅନ୍ୟ ଦଳୀୟ ପଦାଧିକାରୀଙ୍କ ସହ ସମ୍ପର୍କ ଭଲ ଥିବାରୁ ପୂର୍ବତନ ମୁମ୍ବାଇ ଦ୍ରୁତବୋଲର ଅଗରକର ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ଆଶା ରଖିଥିଲେ। ତେବେ ଗତ ମାସରେ ଇଂଲଣ୍ଡରେ ଆୟୋଜିତ ଦିନିକିଆ ଶୃଙ୍ଖଳା ବେଳେ ରୋହିତ ଶର୍ମାଙ୍କ ଅବସର ଗୁଜବ ଉଠିଥିଲା। ବିସିସିଆଇ ଅଧ୍ୟକ୍ଷ ଦେବଜିତ ସାଇକିଆ ଏଥିରେ ହସ୍ତକ୍ଷେପ କରି କହିଥିଲେ, ଯେ ପର୍ଯ୍ୟନ୍ତ ରୋହିତ ଦଳୀୟ ଯୋଜନାରେ ଥିବେ ସେ ପର୍ଯ୍ୟନ୍ତ ଖେଳିବେ। ଏହି ବିବାଦ ଅଗରକରଙ୍କୁ ବିଦା କରିବାର ବାଟ ଫିଟାଇଥିଲା। ଅଗରକରଙ୍କ ସ୍ଥାନରେ ବିସିସିଆଇ ଉତ୍କର୍ଷ କେନ୍ଦ୍ରର ମୁଖ୍ୟ ଲକ୍ଷ୍ମଣଙ୍କୁ ବିସିସିଆଇର ପଦାଧିକାରୀମାନେ ନିଯୁକ୍ତି କରିବାକୁ ଚାହୁଁଛନ୍ତି। କାରଣ ଲକ୍ଷ୍ମଣ ଦୁଇ ବରିଷ୍ଠ ଖେଳାଳି ରୋହିତ ଓ ବିରାଟ କୋହଲି ପ୍ରତି ମନୋଭାବ ଭଲ ରହିବାର ସମ୍ଭାବନା ରହିଛି। ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତି ବିଷୟରେ ଆଗାମୀ ସେପ୍ଟେମ୍ବରରେ ହେବାକୁ ଥିବା ବିସିସିଆଇ ବାର୍ଷିକ ସାଧାରଣ ବୈଠକରେ ଚୂଡାନ୍ତ ହୋଇପାରେ। ୨୦୦୩ ଅକ୍ଟୋବରରୁ ଅଗରକର ନେତୃତ୍ୱରେ ଭାରତୀୟ ଦଳ ଚୟନ ହେଉଛି। ତାଙ୍କ ଚୟନିତ ଦଳ ୪ ଆଇସିସି ଫାଇନାଲ୍‌ରେ ପହଞ୍ଚିବା ସହ ୩ ଟ୍ରଫି (୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍, ଆଇସିସି ଚାମ୍ପିଅନ୍ସ ଟ୍ରଫି) ଜିତିଛି। ତାଙ୍କ ସମୟରେ ରୋହିତ ଓ ବିରାଟ ଟେଷ୍ଟ୍ କ୍ରିକେଟ୍‌ରୁ ଅବସର ନେଇଥିଲା ବେଳେ ବରିଷ୍ଠ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସୁଯୋଗ ମିଳୁନି। ୨୦୨୧ରୁ ସିଇଓ ମୁଖ୍ୟ ରହିଥିବା ଲକ୍ଷ୍ମଣ ବିଭିନ୍ନ ସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ତାଙ୍କ ପ୍ରଶିକ୍ଷଣରେ ଦଳ ଜିମ୍ବାୱେରେ ୩-୦ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିଲା। ଆଗାମୀ ଏସୀୟ କ୍ରୀଡାରେ ତାଙ୍କ ପ୍ରଶିକ୍ଷଣରେ ଦଳ ଖେଳିବ।




## ମେସିଙ୍କ ମହାନତା: ମାଡ୍ରିଡ୍ ଅଗ୍ନିବିପନ୍ନଙ୍କୁ ସହାୟତା କଲେ

ମାଡ୍ରିଡ୍,୫।୮:ଆର୍ଜେଣ୍ଟିନାର ଫୁଟ୍‌ବଲ୍ ମହାନ ଲିଓନେଲ ମେସିଙ୍କ ମହାନତା ଦେଖିବାକୁ ମିଳିଛି। ସ୍ପେନ୍‌ର ରାଜଧାନୀ ମାଡ୍ରିଡ୍‌ରେ କିଛି ଦିନ ତଳେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କ ପାଇଁ ସେ ୮୦,୦୦୦ ୟୁରୋ (ଭାରତୀୟ ମୁଦ୍ରାରେ ପ୍ରାୟ ୮୮ ଲକ୍ଷ ଟଙ୍କା) ଦାନ କରିଛନ୍ତି।

ମାଡ୍ରିଡ୍ ଆଞ୍ଚଳିକ ଅଧ୍ୟକ୍ଷ ଇସାବେଲ ଡିଆଜ୍ ଆୟୁସୋ ସାମାଜିକ ଗଣମାଧ୍ୟମରେ ଆର୍ଜେଣ୍ଟିନା ତାରକାଙ୍କ ମହାନତା ବିଷୟରେ ସୂଚନା ଦେବା ସହ ସମର୍ଥନ ଲାଗି ଧନ୍ୟବାଦ ଜଣାଇଛନ୍ତି। ମାଡ୍ରିଡ୍‌ର ସିଏରା ଓଏଷ୍ଟା ଅଞ୍ଚଳର କ୍ଷୟକ୍ଷତିର ପୁନଃନିର୍ମାଣ ପାଇଁ ଲିଓ ମେସି ୮୦,୦୦୦ ୟୁରୋ ଦାନ କରିଛନ୍ତି। ମୁଁ ତାଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ମାଡ୍ରିଡର ଲୋକମାନେ ତାଙ୍କୁ ସ୍ୱାଗତ ଓ ପ୍ରଶଂସା କରିବାକୁ ଅପେକ୍ଷା କରିଛନ୍ତି ବୋଲି ଡିଆଜ୍ କହିଛନ୍ତି। ମାଡ୍ରିଡ୍ ସିଏରା ଓଏଷ୍ଟାରେ ଭୟଙ୍କର ଅଗ୍ନିକାଣ୍ଡ ପରବର୍ତ୍ତୀ ପୁନଃ ଥଇଥାନ ଲାଗି ସ୍ପାନିସ୍ କର୍ତ୍ତୃପକ୍ଷ କାର୍ଯ୍ୟକରୁଥିବା ବେଳେ ମେସିଙ୍କ ଏହି ଦାନ ଅର୍ଥ ଆସିଛି। ସୂଚନାଯୋଗ୍ୟ ଯେ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠୁ ହାରି ଉପବିଜେତା ହୋଇଥିଲା।

# ରୋହିତଙ୍କୁ ନେଇ ହୋଇଥିଲା ହଙ୍ଗାମା

ନୂଆଦିଲ୍ଲୀ,୫।୮: ଗତ କିଛି ଦିନ ଭାରତୀୟ କ୍ରିକେଟ୍ ପାଇଁ ପରାଜୟ ଏବଂ ଅଶାନ୍ତିରେ ପରିପୂର୍ଣ୍ଣ ରହିଛି। ଭାରତୀୟ ଦଳ ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ପରାଜୟ ହେବା ପରେ ଏହି ପ୍ରଦର୍ଶନ ଭାରତୀୟ ଦଳକୁ କାଠଗଡ଼ାକୁ ଟାଣିଛି। କିନ୍ତୁ କେବଳ ଦଳର ପ୍ରଦର୍ଶନ ନୁହେଁ, ବରଂ ରୋହିତ ଶର୍ମାଙ୍କୁ ଇଂଲଣ୍ଡ ଗସ୍ତରୁ ହଠାତ୍ ବାଦ ଦିଆଯିବା ଖବର ମଧ୍ୟ ଏକ ବଡ଼ ହଇଚଇ ସୃଷ୍ଟି କରିଥିଲା, ଯାହାକି ବିସିସିଆଇକୁ ମଧ୍ୟ ଏକ ସ୍ପଷ୍ଟୀକରଣ ଦେବାକୁ ବାଧ୍ୟ କରିଥିଲା। ଏବେ, ଏହି ବିଷୟରେ ଏକ ଚାଞ୍ଚଲ୍ୟକର ଦାବି କରାଯାଇଛି ଯେ, ଚୟନ କମିଟି ବିସିସିଆଇର ମତ ଦ୍ୱାରା ବିଶ୍ୱାସଘାତକତା ଅନୁଭବ କରୁଛି। ଜାତୀୟ ଗଣମାଧ୍ୟମରେ ଏପରି କିଛି ଖବର ପ୍ରକାଶ ପାଇଛି। ଏହା ଅନୁଯାୟୀ, ଚୟନ କମିଟି ରୋହିତ ଶର୍ମାଙ୍କୁ ସ୍ପଷ୍ଟ ଭାବରେ କହିଦେଇଛି ଯେ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଆଉ ଦଳରେ ରହିବେ ନାହିଁ। ଏହା ବ୍ୟତୀତ, ଜଣେ ଚୟନକର୍ତ୍ତା ଏହି ପ୍ରସଙ୍ଗରେ ଇଉଡଓର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ କଥା ହୋଇଥିଲେ। ରିପୋର୍ଟ ଅନୁଯାୟୀ, ଟିମ୍ ମ୍ୟାନେଜମେଣ୍ଟ ଏକମତ ଯେ ରୋହିତ ଶର୍ମା ଦଳରେ ରହିଲେ ଦଳ ୨୦୨୭ ବିଶ୍ୱକପ୍ ଜିତିପାରିବ ନାହିଁ।

କିନ୍ତୁ କାର୍ଡିଫରେ ଦ୍ୱିତୀୟ ଦିନିକିଆରେ ରୋହିତଙ୍କ ବିଫଳତା ପରେ, ଲର୍ଡସ୍ ଦିନିକିଆ ରୋହିତ ଶର୍ମାଙ୍କ ଶେଷ ଦିନିକିଆ ହୋଇପାରେ ବୋଲି ଏକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିବା ପରେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି ହୋଇଥିଲା। ତୃତୀୟ ଦିନିକିଆ ପରେ ରୋହିତ ଅବସର ନେଇପାରନ୍ତି ବୋଲି ଗୁଜବ ପ୍ରଚାର ହେବା ଆରମ୍ଭ ହୋଇଥିଲା। ଏହା ସୋସିଆଲ ମିଡିଆରେ ବ୍ୟାପକ ହଇଚଇ ସୃଷ୍ଟି କରିଥିଲା, ଯାହା ଫଳରେ ବିସିସିଆଇ ସଚିବ ଦେବଜିତ ସାଇକିଆ ସ୍ପଷ୍ଟ କରିଥିଲେ ଯେ ରୋହିତ କୌଣସି ସ୍ଥାନକୁ ଯାଉନାହାଁନ୍ତି ଏବଂ ସେ ଖେଳିବା ଜାରି ରଖିବେ। ଏବେ, ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ବିସିସିଆଇର ହଠାତ୍ ଆଭିମୁଖ୍ୟ ପରିବର୍ତ୍ତନ ଚୟନ କମିଟିକୁ କ୍ରୋଧିତ କରିଛି। ସେମାନେ ବିସିସିଆଇ ଦ୍ୱାରା ବିଶ୍ୱାସଘାତକତା କରାଯାଇଥିବା ଅନୁଭବ କରୁଛନ୍ତି। ବିଶେଷକରି, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଭବିଷ୍ୟତ ବିପଦରେ ପଡ଼ିଥିବା କୁହାଯାଉଛି। ଏହା ମଧ୍ୟ ଦାବି କରାଯାଇଛି ଯେ ବିସିସିଆଇ ଅଧିକାରୀ ଏବଂ ଚୟନ କମିଟି ମଧ୍ୟରେ ଫାଟ ସୃଷ୍ଟି ହୋଇଛି, ଯାହା ଭବିଷ୍ୟତରେ ପରିଣାମ ଆଣିପାରେ।



## ଅଭ୍ୟାସ ମ୍ୟାଚ୍ ଖେଳିବନି ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ,୫।୮: ଆସନ୍ତା ବର୍ଷ ଜାନୁଆରି ୨୧ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଭାରତରେ ଖେଳାଯିବ ବର୍ଡର-ଗାଭାସ୍କର ଟ୍ରଫି। ଭାରତ ବିପକ୍ଷ ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଅଭ୍ୟାସ ମ୍ୟାଚ୍ ନ ଖେଳିବାକୁ ଚିନ୍ତା କରୁଛି। ଏହା ବଦଳରେ ଏକ ଲମ୍ବା ତାଲିମ ଶିବିର କରି ଭାରତୀୟ ପରିବେଶକୁ ପରଖିବାର ଯୋଜନା ରହିଛି ବୋଲି ଅଷ୍ଟ୍ରେଲିଆର ମୁଖ୍ୟପ୍ରଶିକ୍ଷକ ଆଣ୍ଡ୍ରିଉ ମ୍ୟାକ୍‌ଡୋନାଲ୍ଡ ସୂଚନା ଦେଇଛନ୍ତି। ୫୭ ବର୍ଷ ପରେ ପ୍ରଥମ ଥର ଲାଗି ଭାରତରେ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଖେଳିବାକୁ ଯାଉଛି। ଅନ୍ୟପକ୍ଷରେ ଭାରତ ମାଟିରେ ୨୦୦୪-୦୫ ପରଠୁ ଅଷ୍ଟ୍ରେଲିଆ ଟେଷ୍ଟ୍ ଶୃଙ୍ଖଳା ଜିତି ପାରିନି। ତେଣୁ ନୂଆ ଯୋଜନା ସହ ଭାରତ ଆସିବାକୁ ଅଷ୍ଟ୍ରେଲିଆ ଚିନ୍ତା କରିଛି। ''ଆମକୁ ଲାଗୁଛି ଯେ ଭାରତୀୟ ପରିବେଶ ସହ ଖାପ ଖୁଆଇବା ଲାଗି ପର୍ଯ୍ୟାପ୍ତ ସମୟ ଅଛି। ଆମେ ଅଭ୍ୟାସ ମ୍ୟାଚ୍ ଖେଳିବୁ ନାହିଁ। କେବଳ ସେହି ସ୍ଥାନ ବିଷୟରେ ଜାଣିବାକୁ ଚେଷ୍ଟା କରିବୁ। ଆମ ପାଖରେ କିଛି ବିକଳ୍ପ ଅଛି।

## ରାହାଣେଙ୍କୁ ଯେଉଁ ଶ୍ରେୟ ମିଳିବା କଥା ମିଳିନି : ଗାଭାସ୍କର

ନୂଆଦିଲ୍ଲୀ,୫।୮: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଅଜିଙ୍କ୍ୟ ରାହାଣେ ନିକଟରେ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି । ବହୁ ପୂର୍ବତନ ଖେଳାଳି ତାଙ୍କ ଖେଳ ଜୀବନକୁ ପ୍ରଶଂସା କରୁଛନ୍ତି । ପୂର୍ବତନ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ମଧ୍ୟ ଏଥିରୁ ବାଦ ପଡି ନାହାନ୍ତି । ରାହାଣେଙ୍କୁ ରାହୁଲ ଦ୍ରାବିଡଙ୍କ ସହ ତୁଳନା କରିଛନ୍ତି ଲିଟିଲ୍ ମାଷ୍ଟର ସୁନୀଲ ଗାଭାସ୍କର । ସେ କହିଛନ୍ତି ତାଙ୍କ ସଫଳତା ସବୁବେଳେ ଆଢୁଆଳରେ ରଖାଯାଇଛି । ଯେପରି ରାହୁଲ ଦ୍ରାବିଡଙ୍କୁ ତାଙ୍କ ସଫଳତା ଅନୁସାରେ ଶ୍ରେୟ ମିଳିନଥିଲା ଠିକ୍ ସହିପରି ରାହାଣେଙ୍କୁ ମଧ୍ୟ ମିଳିନାହିଁ । ରାହାଣେଙ୍କୁ ତାଙ୍କ ଅଧିକାର ମିଳିନାହିଁ ବୋଲି କହିଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ।

ଗାଭାସ୍କର କହିଛନ୍ତି, 'ରାହାଣେଙ୍କ ଅଧିନାୟକୀୟ ରେକର୍ଡ ବେଶ ଅଦ୍ଭୁତ । ୬ଟି ମ୍ୟାଚର ନେତୃତ୍ୱ ନେଇ ୪ଟିରେ ଦଳକୁ ଜିତାଇଥିଲେ । ଦଳ ଗୋଟିଏ ବି ମ୍ୟାଚ ହାରି ନଥିଲା। ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିଥିଲା । କିନ୍ତୁ ଅଧିନାୟକ ଭାବେ ଏହି ଖେଳାଳିମାନଙ୍କୁ ଯେଉଁ ଶ୍ରେୟ ମିଳିବା କଥା ତାହା ମିଳି ନାହିଁ । ଆମ ଦେଶରେ ଦଳ ଯେତେବେଳେ ବିଜୟୀ ହୁଏ, ଆମେ ସବୁବେଳେ ବ୍ୟକ୍ତିଗତ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପ୍ରଶଂସା କରୁ, ଶ୍ରେୟ ଦେଉ। କିନ୍ତୁ ଦଳ ଯେତେବେଳେ ପରାଜିତ ହୁଏ ସେତେବେଳେ ଅଧିନାୟକ ଓ କୋଚଙ୍କୁ ସମାଲୋଚନ କରାଯାଏ ।'

ଅଷ୍ଟ୍ରେଲିଆ ଗସ୍ତରେ (୨୦୨୦-୨୧) ଭାରତୀୟ ଦଳ ପ୍ରଥମ ମ୍ୟାଚ ହାରିବା ପରେ ରାହାଣେଙ୍କ ନେତୃତ୍ୱରେ ଦଳ ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା, ତାହା ବେଶ ପ୍ରଶଂସନୀୟ ରହିଥିଲା । ଗାବା ଟେଷ୍ଟରେ ଦଳ ଐତିହାସିକ ବିଜୟ ହାସଲ କରିଥିଲା । ସେ ଆହୁରି ମଧ୍ୟ କହିଛନ୍ତି, ଭାରତୀୟ କ୍ରିକେଟରେ ଏକ ପୁରୁଣା ପରମ୍ପରା ରହିଛି । ଯେତେବେଳେ ଦଳ ଜିତେ ତାହାର ଶ୍ରେୟ ବ୍ୟକ୍ତିଗତ ସଫଳତାକୁ ଦିଆଯାଏ କିନ୍ତୁ ଦଳ ହାରିଲେ ଅଧିନାୟକ ଅପବାଦ ସହନ୍ତି ।

କହି ରଖୁଛି କି, ସପ୍ତାହ ତଳେ ହଠାତ୍ କ୍ରିକେଟର ସବୁ ଫର୍ମାଟକୁ ଅବସର ଘୋଷଣା କରିଥିଲେ ଅଜିଙ୍କ୍ୟ ରାହାଣେ । ସବୁବେଳେ ଶାନ୍ତ ରହୁଥିବା ଖେଳାଳି ଅଚାନକ ଏପରି ନିଷ୍ପତ୍ତି ନେଇ ତାଙ୍କ ଫ୍ୟାନ୍ସଙ୍କୁ ଚକିତ କରି ଦେଇଥିଲେ । ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଆଡିଲେଡରେ ୩୬ ରନରେ ଆଉଟ ହେବା ପରେ ରାହାଣେ ଭାରତକୁ ବଞ୍ଚାଇଥିଲେ । ଶତକୀୟ ପାଳି ଖେଳି ବିଜୟ ପଥ ପରିଷ୍କାର କରିଥିଲେ । ତାଙ୍କର ଏହି ଅବଦାନ ପ୍ରତିଟି କ୍ରିକେଟ ଫ୍ୟାନ୍ସ ମନେ ରଖିବ । ରାହାଣେ ସେହି ଖେଳାଳିଙ୍କ ମଧ୍ୟରୁ ଜଣେ ଯାହାଙ୍କର କେହି ଶତ୍ରୁ ନାହାନ୍ତି । ସବୁବେଳେ ଶାନ୍ତ ରାହାଣେ କ୍ରିକେଟ ଉପରେ ଫୋକସ କରୁଥିଲେ । ଅବସର ଘୋଷଣା କରିବା ସମୟରେ ରାହାଣେ ଭାବୁକ ହୋଇପଡିଥିଲେ । ତାଙ୍କ ଆଖିରେ ଲୁହ ଆସିଯାଇଥିଲା ।

# ସେଣ୍ଟ୍‌ଲୁଇସ ଗ୍ରାଣ୍ଡ ଚେସ୍: ପ୍ରଜ୍ଞାନନ୍ଦ ଶୀର୍ଷରେ

ସେଣ୍ଟ୍‌ଲୁଇସ,୫।୮ :ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର୍ ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ସେଣ୍ଟ୍‌ଲୁଇସ ରାପିଡ୍ ଓ ବ୍ଲିଜ୍ ପ୍ରତିଯୋଗିତାରେ ଶୀର୍ଷରେ ରହିଛନ୍ତି। ୧୮ ପଏଣ୍ଟ୍ ବିଶିଷ୍ଟ ରାପିଡ୍ ପରେ ସେ ୧୨ ପଏଣ୍ଟ୍ ଅକ୍ତିଆର କରି ଏହି ସ୍ଥାନରେ ରହି ଚଳିବ ବର୍ଷ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର୍ (ଜିସିଟି) ଫାଇନାଲ୍ସ ଖେଳିବା ଆଶା ଉଜ୍ଜୀବିତ ରଖିଛନ୍ତି। ୨୦୨୬ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରି ପାରି ନଥିବା ଏହି ଭାରତୀୟ ଚମତ୍କାର ଖେଳି ୯ ରାଉଣ୍ଡ ବିଶିଷ୍ଟ ରାପିଡ ବର୍ଗରେ ବିଜେତା ହୋଇଛନ୍ତି।

ଶେଷ ରାଉଣ୍ଡରେ ସେ ଡଚ୍ ଜିଏମ୍ ଜୋର୍ଡାନ ଭାନ୍ ଫରେଷ୍ଟଙ୍କଠୁ ହାରି ଯାଇଥିଲେ। ହେଲେ ୧ ପଏଣ୍ଟ ଅଗ୍ରଣୀ ସହ ଶୀର୍ଷରେ ରହିଥିଲେ। ତାଙ୍କ ପଛରେ ଉଜବେକିସ୍ତାନର ଜାଭୋଖିର ସିନ୍ଦାରୋଭ ଓ ଆମେରିକାର ୱେସ୍‌ଲେ ସୋ (୧୧ ପଏଣ୍ଟ୍) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ରାପିଡ୍ ପରେ ୧୮ ପଏଣ୍ଟ ବିଶିଷ୍ଟ ବ୍ଲିଜ୍ ଖେଳାଯିବ। ଏହାପର ବିଜେତା ନିର୍ଣ୍ଣୟ ହେବ। ଆମେରିକାର ଲେଭନ ଆରୋନିଆନ୍, ଲିନିଅର ଡୋମିନଗୁଏଜ ପେରେଜ, ନେଦରଲାଣ୍ଡସ ଅନିଶ ଗିରି, ଜର୍ମାନି ଭିନସେଣ୍ଟ୍ କେମର (ସମସ୍ତେ ୯ ପଏଣ୍ଟ) ଏବଂ ଆମେରିକାର ଫାବିଆନୋ କାରୁଆନା, ଫରେଷ୍ଟ୍ (୮ ପଏଣ୍ଟ) ଓ ଆମେରିକାର ଆୱନ୍ଦର ଲିଓଙ୍ଗ (୫) ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982